୬ ଦିଲ୍ଲୀ କ୍ୟାପିଟାଲ ବିଜୟୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୯୧ ● ୨୮ ଅପ୍ରେଲ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-91 ● 28th April 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

## ଯେଉଁମାନେ ଦିନେ ବାଲଟ ବାକ୍ସ ଲୁଟ୍ କରୁଥିଲେ ସେମାନେ ଏବେ ଇଭିଏମ ଉପରେ ସନ୍ଦେହ କରୁଛନ୍ତି

**ଲକ୍ଷ୍ନୌ, ୨୭।୪**

ଇଭିଏମକୁ ନେଇ ପ୍ରଶ୍ନ ଉଠାଇଥିବା କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଶନିବାର ସେ କହିଛନ୍ତି ଯେ ଏମାନେ ହିଁ ଦିନେ ବାଲଟ୍ ବାକ୍ସ ଲୁଟ୍ କରୁଥିଲେ। ସେ କହିଛନ୍ତି ଯେ ଲୋକସଭା ନିର୍ବାଚନରେ ନିଶ୍ଚିତ ପରାଜୟ ଦେଖି କଂଗ୍ରେସର ଲୋକମାନେ ଇଭିଏମକୁ ଦାୟୀ କରୁଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ପର୍ଯ୍ୟାୟ ନିର୍ବାଚନର ଧାରା ସ୍ପଷ୍ଟ କରିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୁଣି ଥରେ ସରକାର ଗଠନ




ହେବାକୁ ଯାଉଛି। ଗୋ-ମାଂସ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟକୁ ମଧ୍ୟ ଟାର୍ଗେଟ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶ୍ନ କରିଛନ୍ତି ଯେ ସେ ତାଙ୍କ ଇସ୍ତାହାରରେ ଲେଖିଛନ୍ତି ଯେ ସଂଖ୍ୟାଲଘୁମାନଙ୍କୁ ସେମାନଙ୍କ ପସନ୍ଦର ଖାଇବା ପିଇବାର ଅଧିକାର ଦିଆଯିବ। ସଂଖ୍ୟାଲଘୁଙ୍କ ଖାଦ୍ୟ କ'ଣ ଯାହା ସମ୍ପ୍ରଦାୟର ଅନ୍ୟ ମାନଙ୍କଠାରୁ ଭିନ୍ନ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ପ୍ରସଙ୍ଗରେ ମେଣ୍ଟର ଅନ୍ୟ ସହଯୋଗୀଙ୍କ ନୀରବତାକୁ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେତେବେଳେ ବି ଭାରତୀୟ ମେଣ୍ଟ ପରାଜିତ ହେଉଛି, ତା'ର ପରାଜୟର ଦୋଷ ଇଭିଏମ ଉପରେ ପକାଇବାକୁ ଚେଷ୍ଟା କରୁଛି। ଆମେ ସମସ୍ତେ ୨୦୧୪ରୁ ଏହା ଶୁଣି ଆସୁଛୁ ।

## ନା ଡବଲ, ନା ସିଙ୍ଗଲ, ଓଡିଶାରେ ସବୁବେଳେ ନବୀନ ବାବୁଙ୍କ ଇଞ୍ଜିନ ଚାଲିବ

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ଖରା ଗରମ ଯେମିତି ବଢ଼ି ବଢ଼ି ଚାଲିଛି, ନିର୍ବାଚନ ପ୍ରଚାରର ଉତ୍ତାପ ମଧ୍ୟ ସେହିପରି ବଢ଼ି ବଢ଼ି ଚାଲିଛି । ଶନିବାର ତୃତୀୟ ଦିନରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଚାର ମଇଦାନରେ ଓହ୍ଲାଇ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ନୂଆପଡାରେ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ, ଧର୍ମଗଡରେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଜୁନାଗଡରେ ଦିବ୍ୟଶଙ୍କର ମିଶ୍ରଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି।

ଖଡିଆଳ ରୋଡରୁ ନୂଆପଡା ପର୍ଯ୍ୟନ୍ତ ୧୨ କିଲୋମିଟର ଦୀର୍ଘ ଏକ ବିଶାଳ ରୋଡ ସୋ'ରେ ଆସି ଶ୍ରୀ ପାଣ୍ଡିଆନ ନୂଆପଡା ରାଲିରେ ଯୋଗ ଦେଇଥିଲେ । ରାସ୍ତାରେ ହଜାର ହଜାର ଲୋକ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରିଥିଲେ।




ସଭାରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଆପଣଙ୍କ ଏପରି ଜୋସ୍ ଏହି ବିଶାଳ ଉପସ୍ଥିତି ଦେଖି ବିରୋଧୀଙ୍କ ନିଦ ହଜୁଛି। ସେମାନେ ଆତ୍ମବିଶ୍ୱାସ ହରାଉଛନ୍ତି। ସେମାନେ ବାରମ୍ବାର ଡବଲ ଇଞ୍ଜିନ କଥା କହୁଛନ୍ତି। କିନ୍ତୁ ଡବଲ ଇଞ୍ଜିନ ଯଦି ଏତେ ଭଲ, ପଡୋଶୀ ରାଜ୍ୟ ଛତିଶଗଡରେ ତାଙ୍କ ଇଞ୍ଜିନ ବାରମ୍ବାର ବଦଳୁଛି କାହିଁକି ? ତେଣୁ ନା ଡବଲ, ନା ସିଙ୍ଗଲ ଓଡ଼ିଶାରେ ସବୁବେଳେ ନବୀନ ବାବୁଙ୍କ ଇଞ୍ଜିନ ହିଁ ଚାଲିବ। ନବୀନ ବାବୁଙ୍କ ଇଞ୍ଜିନ ସବୁଠାରୁ ମଜଭୁତ।

ବିରୋଧୀଙ୍କୁ ଟାର୍ଗେଟ କରି ଶ୍ରୀ ପାଣ୍ଡିଆନ କହିଲେ ଆପଣଙ୍କ ଏମ୍‌ପି ୫ ବର୍ଷରେ କ'ଣ କରିଛନ୍ତି ? ନୂଆପଡା-ଭବାନୀପାଟଣା ଏନ୍‌ଏଚ୍ ଦେଖିଲେ *(ପୃଷ୍ଠା ୭ରେ)*

## ବାଇକକୁ ଧକ୍କା ଦେଲା ଟ୍ରକ : ୩ ମୃତ

**ଅନୁଗୁଳ, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ପୁଣି ଜାତୀୟ ରାଜପଥ ୫୫ ନେଲା ଜୀବନ। ଶନିବାର ଅନୁଗୁଳ ଜିଲ୍ଲା ପଞ୍ଚମହଲା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ୩ ଜଣ ଯୁବକ ଏକ ମୋଟର ସାଇକେଲରେ ଅନୁଗୁଳ ଆଡକୁ ଆସୁଥିବା ବେଳେ ପଞ୍ଚମହଲା ନିକଟରେ ଟ୍ରକ ପଛରୁ ଧକ୍କା ଦେଇଥିଲା। ୩ ଜଣଙ୍କୁ ଟ୍ରକ କିଛି ବାଟ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ମୃତକ ୩ ଜଣ ହେଲେ ଡେରେଜଙ୍ଗ ଗାଁର ଛୋଟୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ କୃପା ପ୍ରଧାନ ।

ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକଙ୍କ ଦ୍ୱାରା ଜାତୀୟ ରାଜପଥ ଅବରୋଧ କରାଯାଇଛି। ଦୀର୍ଘ ବର୍ଷ ଧରି ୫୫ ନମ୍ବର ଜାତୀୟ ରାଜପଥ କାମ ଚାଲିଥିଲେ ବି ଏପର୍ଯ୍ୟନ୍ତ ସରୁନି। କାମ ସରୁନଥିବାରୁ ମରଣଯନ୍ତା ପାଲଟିଛି ଏନ୍‌ଏଚ୍-୫୫। ପ୍ରତିଦିନ ଦୁର୍ଘଟଣା ଘଟିବା ସହ ଅନେକ ଲୋକଙ୍କ ମୃତ୍ୟୁ ହେଲାଣି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ପ୍ରବଳ ଖରାରେ ସିଝୁଛି ଓଡ଼ିଶା: ୪୦ଡିଗ୍ରୀ ଉପରେ ୩୩ ସହର, ଅନୁଗୁଳରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାବାସୀ ପ୍ରବଳ ଖରାରେ ସିଝୁଛନ୍ତି। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ପ୍ରଖର କିରଣ ଓ ତତଲା ଝାଞ୍ଜିରେ ଛଟପଟ ହେଉଛନ୍ତି । ଶନିବାର ଅନୁଗୁଳ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି । ଅନୁଗୁଳରେ ତାପମାତ୍ରା ୪୪.୭ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ୪୪.୬ ଡ଼ିଗ୍ରୀ ଏବଂ ବାରିପଦାରେ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଶନିବାର ରାଜ୍ୟର ୩୩ଟି ସହରରେ ତାପମାତ୍ରା ୪୦ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଛି । ସେହିପରି ୧୪ଟି ସହରରେ ୪୩ ଡ଼ିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ ହୋଇଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏହାପୂର୍ବରୁ ଭୁବନେଶ୍ୱର ଓ କଟକ ପାଇଁ ରେଡ ଆଲର୍ଟ ଜାରି କରିଥିଲା । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅସହ୍ୟ




ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି କହିଥିଲା। ଅସହ୍ୟ ତାତି ପାଇଁ ଉତ୍ତର ଓଡ଼ିଶା, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲା ପାଇଁ ମଧ୍ୟ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି।

ଆଗାମୀ ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ନୂଆପଡ଼ା, ଅନୁଗୁଳ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି କଟକ, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ବରଗଡ଼ ଓ ରାୟଗଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହା ସହ କୋରାପୁଟ ଓ ପୁରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ବିଜେଡ଼ିର ୩ ପ୍ରାର୍ଥୀ ତାଲିକା ଘୋଷଣା

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳ ଶନିବାର ସନ୍ଧ୍ୟାରେ ଆଉ ଏକ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ବଦଳରେ ପ୍ରାର୍ଥୀ ବଦଳାଇଛନ୍ତି। ସାମ୍ବାଦିକତାରୁ ରାଜନୀତିରେ ପ୍ରବେଶ କରିଥିବା ଗୌତମବୁଦ୍ଧ ଦାସଙ୍କୁ ବିଜେଡି ଭୋଗରାଇ ଆସନରେ ପ୍ରାର୍ଥୀ କରିଛି। ସେହିପରି ବିଜେଡି ଖୋର୍ଦ୍ଧାରେ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ନିରାଶ ହେବାକୁ ପଡ଼ିଛି। ଖୋର୍ଦ୍ଧାରେ ବିଜେଡି ରାଜେନ୍ଦ୍ର ସାହୁ ଓ



ବେଗୁନିଆରେ ପ୍ରଦୀପ ସାହୁଙ୍କୁ ଟିକେଟ ଦେଇଛି।

ବିଧାୟକ ଅନନ୍ତ ଦାସ ଓ ତାଙ୍କ ପୁଅ କିଛି ଦିନ ପୂର୍ବରୁ ଟିକେଟ ପାଇଁ ନବୀନ ନିବାସ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ । କିନ୍ତୁ ବିଜେଡି ଅନନ୍ତ ଦାସ କିମ୍ବା ତାଙ୍କ ପୁଅଙ୍କୁ ଟିକେଟ ଦେଇ ନାହିଁ। ଅନନ୍ତ ଦାସ ୨୦୦୪ ମସିହା ଠାରୁ କ୍ରମାଗତ ଭାବେ ୪ ଥର ଭୋଗରାଇରୁ ବିଧାୟକ ହୋଇଛନ୍ତି । ୨୦୧୯ ନିର୍ବାଚନରେ ସେ ୭୬,୭୯୬ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସର ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ୧୬,୮୭୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

## ୮ଟି ବିଧାନସଭା କ୍ଷେତ୍ର ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳ (ବିଜେଡି) ଛାଡ଼ି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିବା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଓଡ଼ିଶା ସପ୍ତଦଶ ବିଧାନସଭା ନିର୍ବାଚନରେ ଖୋର୍ଦ୍ଧାରୁ ଲଢ଼ିବେ। ଖୋର୍ଦ୍ଧାରେ କାଳୁ ଖଣ୍ଡାୟତଙ୍କ ସ୍ଥାନରେ ବିଜେପି ପ୍ରଶାନ୍ତ ଜଗଦ୍ଦେବଙ୍କ ଉପରେ ଭରସା କରିଛି। ସେହିପରି ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ଗୀତାଞ୍ଜଳି ସେଠୀ ଓ ଅଭିନେତା ଅରିନ୍ଦମ ରାୟଙ୍କୁ ମଧ୍ୟ ବିଜେପି ଟିକେଟ ଦେଇଛି । କେନ୍ଦ୍ରାପଡ଼ାରୁ ଗୀତାଞ୍ଜଳି ଓ ସାଲେପୁରରୁ ଅରିନ୍ଦମ ପ୍ରାର୍ଥୀ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଯିଏକି କିଛି ଦିନ ପୂର୍ବରୁ ବିଜେଡି ଛାଡ଼ିଥିଲେ ତାଙ୍କୁ ବିଜେପି ସେଠାରେ ପ୍ରାର୍ଥୀ କରିଛି । ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନିର୍ବାଚନ କମିଟିର ସାଧାରଣ ସଂପାଦକ ଅରୁଣ ସିଂହ ଶନିବାର ଏହି ସୂଚନା ଦେଇଛନ୍ତି।

ଶ୍ରୀ ସିଂହ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି, ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ବିଜେପି ୪ର୍ଥ ତାଲିକା ଜାରି କରିଛି । ଏହି ତାଲିକାରେ ୮ ଜଣ ପ୍ରାର୍ଥୀ ସ୍ଥାନ ପାଇଛନ୍ତି । କେନ୍ଦୁଝର ଜିଲ୍ଲା ତେଲକୋଇରୁ ଫକୀର ମୋହନ ନାଏକ, *(ପୃଷ୍ଠା ୭ରେ)*

## ଜଳୁଛି ଉତ୍ତରାଖଣ୍ଡ ଜଙ୍ଗଲ, ବାୟୁସେନାର ସାହାଯ୍ୟ ନେଲା ପ୍ରଶାସନ



**ନୈନିତାଲ, ୨୭।୪**

ଉତ୍ତରାଖଣ୍ଡ ଜଙ୍ଗଲରେ ବେକାବୁ ନିଆଁ ଲିଭାଇବା ଦାୟିତ୍ୱ ନେଇଛି ବାୟୁସେନା। ନୈନିତାଲର ଲଡିଆକାଣ୍ଟା ନିଆଁ ଲିଭାଇବା ପାଇଁ ବାୟୁସେନା ନିୟୋଜିତ ହୋଇଛି । ବନ ବିଭାଗ ଓ ସେନାର ପ୍ରୟାସ ପରେ ଖୋଦ ବାୟୁସେନା ଅଣ୍ଟା ଭିଡିଛି ।

ନିଆଁ ଲିଭାଇବା ପାଇଁ ସକାଳ ୭ଟାରେ ଦୁଇ ହେଲିକପ୍ଟର ଭୀମତାଲ ହ୍ରଦରୁ ପାଣି ଉଠାଇ ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରିଛନ୍ତି । ପାଣିର ଆବଶ୍ୟକତାକୁ ଦେଖି ପ୍ରଶାସନ ପକ୍ଷରୁ ନୈନିତାଲର ସମସ୍ତ ହ୍ରଦରେ ଜଳକ୍ରୀଡା ବନ୍ଦ କରି ଦିଆଯାଇଛି। ପାଖାପାଖି ଦୁଇ ଘଣ୍ଟା ଅକ୍ଳାନ୍ତ *(ପୃଷ୍ଠା ୭ରେ)*

## ଭୂକମ୍ପରେ ଥରିଲା ବୋନେନ ଦ୍ୱୀପପୁଞ୍ଜ



**ଟୋକିଓ, ୨୭।୪**

ଜାପାନର ଅନେକ ଅଞ୍ଚଳରେ ଭୂକମ୍ପର କମ୍ପନ ଅନୁଭୂତ ହୋଇଛି । ଆମେରିକୀୟ ସଂଗଠନ ଯୁକ୍ତରାଷ୍ଟ୍ରର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସଜିଏସ) କହିଛି ଜାପାନର ବୋନିନ ଦ୍ୱୀପପୁଞ୍ଜରେ ଘଟିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୫ ମାପ କରାଯାଇଥିଲା। ୟୁଏସଜିଏସ ଅନୁଯାୟୀ, ଭୂକମ୍ପର କେନ୍ଦ୍ର ଭୂଗର୍ଭର ୫୦୩.୨ କିଲୋମିଟର (୩୧୨.୭ ମାଇଲ) *(ପୃଷ୍ଠା ୭ରେ)*

## ବିଶ୍ୱର ଶ୍ରେଷ୍ଠ ତିନୋଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବ ଭାରତ : ଅମିତ ଶାହ

**ନୂଆଦିଲ୍ଲୀ, ୨୭।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିରେ ଭାରତ ବିଶ୍ୱର ଶ୍ରେଷ୍ଠ ତିନୋଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବ ବୋଲି ବରିଷ୍ଠ ବିଜେପି ନେତା ଅମିତ ଶାହ ବିଶ୍ୱାସ ବ୍ୟକ୍ତ କରିଛନ୍ତି । ଶନିବାର ଗୁଜରାଟର ପୋରବନ୍ଦରଠାରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ଶାହ ଧାରା ୩୭୦ ଉଚ୍ଛେଦ, ରାମ ମନ୍ଦିର ନିର୍ମାଣ, ଆତଙ୍କବାଦ ଓ ନକ୍ସଲବାଦର ସଫଳ ମୁକାବିଲା ଏବଂ ଦେଶରେ ଶାନ୍ତି ଆଣିବା ଭଳି ଐତିହାସିକ ନିଷ୍ପତ୍ତି ପାଇଁ ଶ୍ରୀ ମୋଦିଙ୍କୁ ଶ୍ରେୟ ଦେଇଛନ୍ତି। ଶ୍ରୀ ଶାହ କଂଗ୍ରେସ ଦଳକୁ ସମାଲୋଚନା କରି କହିଛନ୍ତି ଯେ, ନୀତି *(ପୃଷ୍ଠା ୭ରେ)*



## ଏକାଳ ସକାଳ



କାହାକୁ ମିଳିଲା କାହାର କଟିଲା
କାହାର ହେଇଛି ଝୁଲା
ଆଉ କିଏ ଦଳ ନିଦ ହଜାଉଛି
କରିଣ ସଭା ଓ ପାଲା
ଯେତେ ଡ୍ରାମା ବାକିଥିଲା
ସବୁତକ ଏଇ ଚବିଶି ଦେଖିବ
ହେବ ଖାଲି ହୋ ହାଲ୍ଲା।

## ପ୍ଲାଷ୍ଟିକ ପ୍ରଦୂଷଣ ପାଇଁ ୫୬ କମ୍ପାନୀ ଦାୟୀ



**ଲଣ୍ଡନ, ୨୭।୪**

ବିଶ୍ୱର ଅର୍ଦ୍ଧାଧିକ ପ୍ଲାଷ୍ଟିକ ପ୍ରଦୂଷଣ ପାଇଁ ୫୬ ବହୁରାଷ୍ଟ୍ରୀୟ କମ୍ପାନୀ ଦାୟୀ। ସେହିପରି ଏକ-ଚତୁର୍ଥାଂଶ ପ୍ରଦୂଷଣ ପାଇଁ ୬ଟି କମ୍ପାନୀ ଦାୟୀ ବୋଲି ଏକ ଗବେଷଣାମୂଳକ ସର୍ଭେରୁ ଜଣାପଡ଼ିଛି। ପ୍ଲାଷ୍ଟିକ ଉତ୍ପାଦନ ମାତ୍ରାର ପ୍ରତ୍ୟେକ ପ୍ରତିଶତରେ ସମ ହାରର ପରିବେଶର ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣ ବୃଦ୍ଧି ପାଉଛି ବୋଲି ଗବେଷକମାନେ ନିଷ୍କର୍ଷରେ ପହଞ୍ଚିଛନ୍ତି। ଅଣଲାଭକାରୀ ସଂସ୍ଥା ଦି ୫ ଗାଇରେସ ଇନ୍‌ଷ୍ଟିଚ୍ୟୁଟ ନିର୍ଦ୍ଦେଶକ ଲିଶା ଏର୍ଡଲେ କହିଛନ୍ତି, ପ୍ଲାଷ୍ଟିକ ଉତ୍ପାଦନ ହିଁ ପ୍ରଦୂଷଣ ସ୍ୱେଚ୍ଛାସେବୀମାନଙ୍କର ଏକ ଅନ୍ତର୍ଜାତୀୟ ଦଳ। ୮୪ଟି ଦେଶରୁ ସଂଗୃହୀତ ୧୮,୭୦,୦୦୦ ପ୍ଲାଷ୍ଟିକ ବର୍ଜ୍ୟ ଉପକରଣ ଉପରେ ଗବେଷଣା କରିଥିଲେ। ଥରେ ବ୍ୟବହାରଯୋଗ୍ୟ ଖାଦ୍ୟ ପ୍ୟାକେଟ, ବେଭେରେଜ ଓ ତମାଖୁ ଉତ୍ପାଦଗୁଡ଼ିକର ଖୋଳ ଆଦି ଉପରେ ଗବେଷଣା ପାଇଁ ସେମାନଙ୍କୁ ୫ ବର୍ଷ ଲାଗିଥିଲା। ଗବେଷଣାରୁ ଜଣାପଡ଼ିଛି ଯେ, ଅଧାରୁ ଅଧିକ ପ୍ଲାଷ୍ଟିକ ପ୍ରଦୂଷଣ ପାଇଁ ଏଭଳି ସାମଗ୍ରୀ ଉତ୍ପାଦନ କରୁଥିବା ୫୬ଟି ଫାଷ୍ଟ-ମୁଭିଂ କଞ୍ଜ୍ୟୁମର ଗୁଡ୍ସ (ଏଫ୍‌ଏମସିଜି) ବହୁରାଷ୍ଟ୍ରୀୟ କମ୍ପାନୀକୁ ଦାୟୀ କରାଯାଇପାରିବ। ଏକ-ଚତୁର୍ଥାଂଶ ପ୍ଲାଷ୍ଟିକ ପ୍ରଦୂଷଣ ପଛରେ ୬ଟି କମ୍ପାନୀ ରହିଛି । ଦୁଇ ତମାଖୁ କମ୍ପାନୀ *(ପୃଷ୍ଠା ୭ରେ)*

## ଆଜି ଭାରତରେ ବାଣ ଫୁଟିଲେ ପାକିସ୍ତାନ ସଫେଇ ଦେଉଛି

**ଲକ୍ଷ୍ନୌ, ୨୭।୪**

ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବେ ଧୂଆଁଧାର ପ୍ରଚାର ଅଭିଯାନ ଚଳାଇଛନ୍ତି । ଶନିବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଫିରୋଜାବାଦରେ ନିର୍ବାଚନ ସମାବେଶକୁ ସମ୍ବୋଧିତ କରି କହିଛନ୍ତି ଯେ ନୂତନ ଭାରତ କେବଳ ରାମ ମନ୍ଦିର ନିର୍ମାଣ କରେ ନାହିଁ ବରଂ ଆତଙ୍କବାଦୀଙ୍କ ରାମ ନାମକୁ ସତ୍ୟରେ ମଧ୍ୟ ପରିଣତ କରେ। ପାକିସ୍ତାନ ଏହା ଜାଣେ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଅଯୋଧ୍ୟା ଏବଂ ବାରାଣାସୀରେ ଆକ୍ରମଣ କରିଥିବା ଆତଙ୍କବାଦୀମାନଙ୍କ ବିରୋଧରେ ମାମଲା



ପ୍ରତ୍ୟାହାର କରିବାକୁ ସମାଜବାଦୀ ପାର୍ଟି ଚେଷ୍ଟା କରିଥିଲା। ସମାଜବାଦୀ ପାର୍ଟି ବିକାଶ କାର୍ଯ୍ୟରେ ବାଧକ ସାଜୁଥିଲା ଓ ଏହି ଦଳରେ କେବଳ ଗୋଟିଏ ପରିବାର ଲୁଟ କରୁଥିଲେ। ଯେତେବେଳେ କଂଗ୍ରେସ ସରକାରରେ ଥିଲା ସେତେବେଳେ ଆତଙ୍କବାଦୀ ବିସ୍ଫୋରଣ ଘଟୁଥିଲା। ଯୋଗୀ କହିଛନ୍ତି ଯେ ଆଜି ଯଦି ଭାରତରେ କେଉଁଠି *(ପୃଷ୍ଠା ୭ରେ)*





# ଜହମି ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ଆଧାତ୍ମିକ ପରିବେଶ ମଧ୍ୟରେ ରମ୍ଭା ନିକଟସ୍ଥ ଜହମି ଗ୍ରାମର ଚୈତନ୍ୟ ମଠ ପାର୍ଶ୍ୱରେ ଶ୍ରୀ ରାମ ନବମୀ ତିଥି ଠାରୁ ୨୪ ପ୍ରହର ନାମଯଜ୍ଞ ମହନ୍ତ ପ୍ରେମାନନ୍ଦ ଦାସ (ବେଗୁନିଆପଡ଼ା) ଓ ଦ୍ୱୟ ସହଯୋଗୀ ପ୍ରଫୁଲ କୁମାର ପାଢ଼ି, ନୀଳରଥଙ୍କ ପୌରୋହିତରେ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସରେ ଉଦ୍‌ଯାପିତ ହେବା ସହ ୩ଜଣ ବୈଜଷ୍ଟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଥି ମଧ୍ୟରେ ସମ୍ବାରି ନାହାକ, କୃଷ୍ଣ ଚନ୍ଦ୍ର ନାହାକ ଓ ଭଗବାନ ନାହାକଙ୍କୁ କରାଯାଇଥିଲା। ଏଥି ସହିତ ନାମଯଜ୍ଞ ସମାପନ, ଦଧି ହାଣ୍ଡି ଭଗ୍ନ, ନଗର କୀର୍ତ୍ତନ, ଯମୁନା ସ୍ନାନ ଓ ପ୍ରତ୍ୟହ ପ୍ରସାଦ ସେବନ ହୋଇଥିଲା। ତତ୍ ସହିତ ମୁଖ୍ୟ ଆକର୍ଷଣରେ କିଛି ସଂକୀର୍ତ୍ତନ ମଣ୍ଡଳୀଙ୍କ ମଧ୍ୟରେ ବାଦୀ ଅନୁଷ୍ଠିତ ହୋଇଥିଲା। କିଛି ସମୟ ପାଇଁ ଉପରୋକ୍ତ ଅଞ୍ଚଳ ନିଶବ୍ଦ ସାଙ୍ଗକୁ ଲୋକାରଣ୍ୟ ସୃଷ୍ଟି କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପୁରହିତ ବିଜୟ ଚନ୍ଦ୍ର ତ୍ରିପାଠୀ ଓ କର୍ତ୍ତାରୂପେ ପ୍ରମୋଦ ନାହାକ, ଦମୟନ୍ତୀ ନାହାକ ରହିଛନ୍ତି। ଦିବାରାତ୍ର ସଂକୀର୍ତନ ମଣ୍ଡଳୀ କାର୍ଯ୍ୟକ୍ରମରେ ଜହମି, ଡିଆଁଡେଇଁ, ମଧୁରଚୁଆ-୧, ବୁରୁଡି, କଣ୍ଟାପଡ଼ା, ଝରେଡି, ବିଟି ନୂଆଁ ଗାଁ, ସିପକୁଦା, ମଧୁରଚୁଆ-୨, ପଣସଡ଼ିହ, ସାନ ରାମଚନ୍ଦ୍ରପୁର, ସୁବିଳୟା, ଛତ୍ରପୁର, ମାଳି ଜଗନ୍ନାଥପୁର, ରିକାପଲ୍ଲୀ ମିଞ୍ଚିଣୀପାଟଣା, ବିରୁଳିଗଡ଼ ଏଯାବତ୍ ସାମିଲ ହୋଇଛନ୍ତି। ଉପଦେଷ୍ଟା ରୂପେ ଚନ୍ଦ୍ରଶେଖର ନାୟକ ରହିଥିବା ବେଳେ ମା’ ଭବାନୀ କ୍ଲବ ଜହମି ତଥା ଗ୍ରାମବାସୀ ସଦସ୍ୟବୃନ୍ଦ ହେଲେ ସତ୍ୟବାନ ମହାପାତ୍ର, ରାମଚନ୍ଦ୍ର ନାହାକ, ସତ୍ୟବ୍ରତ ନାୟକ, ପ୍ରସନ୍ନ ନାୟକ, ରଞ୍ଜନ ନାୟକ, ହୀନ ମହାପାତ୍ର, ମନୋଜ ନାୟକ ପ୍ରମୁଖ ଶତାଧିକ ଯୁବଗୋଷ୍ଠୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଆଗାମୀ ୧୭ ବର୍ଷ ପର୍ଯ୍ୟନ୍ତ ଉପରୋକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଆଲୋଚନା ହୋଇଥିଲା।

# ୪ ବର୍ଷ ହେଲା ପ୍ରକଳ୍ପ ନିର୍ମାଣ ସରୁନି : ଅସନ୍ତୋଷ ବଢ଼ୁଛି

**ବ୍ରହ୍ମପୁର/ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟିଚାଲିଛି। ଏହି ପ୍ରକଳ୍ପଗଡ଼ିକ କ’ଣ ପାଇଁ ସରୁନାହିଁ ସେ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଉତ୍ତର ନଥିବା ପ୍ରଶ୍ନବାଚୀ ହୋଇଛି। ତେବେ ଏଥିଲାଗି ଜନପ୍ରତିନିଧିମାନେ ବିଭିନ୍ନ ସ୍ଥାନରେ ଲୋକଙ୍କ ଦ୍ୱାରା ଅପଦସ୍ତ ହେଉଛନ୍ତି। ଆର୍.ଡ଼ି. ସେକ୍ସନ୍ ଅଧୀନରେ ସାନଗୋପାଳପୁର ଠାରୁ ଲାଉପୁଟୁ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇଥିଲା। ୫.୯୨୦ କିଲୋମିଟର ରାସ୍ତାର ବ୍ୟୟ ଅଟକଳ ଥିଲା ୩୯୦.୩୯ ଲକ୍ଷ ଟଙ୍କା। କାର୍ଯ୍ୟ ୮ ସେପ୍ଟେମ୍ବର ୨୦୨୧ ରେ ଆରମ୍ଭ ହୋଇଥିବା ବେଳେ ୭ ଅଗଷ୍ଟ ୨୦୨୨ରେ ସରିବାର ଥିଲା। ସେହି ଅନୁସାରେ ଠିକାଦାର ସହ ଉକ୍ତ ବିଭାଗ ଚୁକ୍ତିନାମା କରିଥିଲା। ତେବେ କାର୍ଯ୍ୟ ଶେଷ ହେବାର ଅବଧି ଠାରୁ ୨ବର୍ଷ ୫ ମାସ ବିତିଗଲାଣି କିନ୍ତୁ କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି। ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ



ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟଙ୍କ ଠାରୁ ଆରମ୍ଭ କରି ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇ ଆସିଛନ୍ତି ସାନଗୋପାଳପୁର ଗ୍ରାମବାସୀ। କିନ୍ତୁ ଏହି କାମ ଶେଷ ହୋଇପାରିନାହିଁ। ନିକଟରେ ବିଧାୟକ ଏବଂ ବିଜେଡ଼ି ପର୍ଯ୍ୟବେକ୍ଷକ ନାରାୟଣ ଜେନା, ସାନଗୋପାଳପୁର ଗସ୍ତରେ ଯାଇଥିବା ବେଳେ ଏହି ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ଦ୍ୱାରା ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ। ୧୫ ଦିନ ମଧ୍ୟରେ କାମ ଶେଷ ହେବାର ପ୍ରତିଶ୍ରୁତି ଦେଇ ବିଧାୟକ ଫେରିଥିଲେ। ଛତ୍ରପୁର ବ୍ଲକ୍ ହଁସପୁର ବରଦା ମୁଖ୍ୟମନ୍ତ୍ରୀ ସେତୁ ଯୋଜନାରେ ଋଷିକୂଲ୍ୟା ନଦୀ ଉପରେ ୨୨ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ପୋଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ରେ ଶୁଭ ଦେଇଥିଲେ। ଏହି ପୋଲ ୨୦୨୧ ଫେବୃଆରୀ ସୁଦ୍ଧା ସରିବା ନେଇ ବିଭାଗ - ଠିକାଦାର ଚୁକ୍ତି ହୋଇଥିଲା। ୩୦.୬୩ ମିଟର ଏହି ପୋଲ ନିର୍ମାଣ କାର୍ଯ୍ୟ ବାଦବିବାଦ ମଧ୍ୟରେ ସରିଥିବା ବେଳେ ହଂସପୁର ଏବଂ ବରଦା ଦୁଇ ପଟୁ ସଂଯୋଗ ରାସ୍ତା ନିର୍ମାଣ ହୋଇପାରିନଥିଲା। ୨୦୨୨ ଅଗଷ୍ଟ ୩୦ରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ, ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ଦୁଇ ବର୍ଷ ପରେ ମଧ୍ୟ ଏହି ପ୍ରକଳ୍ପ ସରିନାହିଁ। ୩ବର୍ଷ ଧରି ଏହି ପ୍ରକଳ୍ପ ଢୋକେ ପିଇ ଦଣ୍ଡେ ଜୀଇଁବା ନ୍ୟାୟରେ ଚାଲିଛି। ବିଭାଗୀୟ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି ହୋଇଥିଲା। କିନ୍ତୁ ଫଳ ଶୂନ। ଗେଦଲାପଲ୍ଲୀ ଠାରୁ ହଂସପୁର ଭାୟା ରାଜପୁର ରାସ୍ତା ଜନସାଧାରଣଙ୍କ ପାଇଁ ବିପଦର ସଙ୍କେତ ପାଲଟିଛି। ଯିବା ଆସିବାରେ ଅଞ୍ଚଳବାସୀଙ୍କୁ ବେଶ୍ ଅସୁବିଧା ହେଉଛି। ରାଜପୁର, ବିପୁଳିଙ୍ଗୀ, ପୋଟଲାମପୁର ପଞ୍ଚାୟତବାସୀ ଯାତାୟାତ ଦୃଷ୍ଟିରୁ ହଇରାଣ ହରକତ ହେଉଛନ୍ତି। ୪୫ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ଡ଼ାକିଥିଲା ଗ୍ରାମ୍ୟ ଉନ୍ନୟନ ବିଭାଗ। କେହି ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଲେ ନାହିଁ। ତେଣୁ କାମ ଆଗେଇ ପାରୁନି। ବିଭାଗର ଯେପରି ସକ୍ରିୟ ଭାବେ କାର୍ଯ୍ୟ କରିବା କଥା ତାହା କରୁ ନଥିବାରୁ ଅନେକ ପ୍ରକଳ୍ପ ଅଧାପନ୍ତରିଆ ପଡ଼ି ରହୁଥିବା ଅଭିଯୋଗ ହେଉଛି।

# ଭାରତୀୟ ଶିକ୍ଷଣ ମଣ୍ଡଳ ବୌଦ୍ଧର ୫୫ତମ ପ୍ରତିଷ୍ଠା ଦିବସ ପାଳିତ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଶ୍ରୀରାମ ନବମୀ ଅବସରରେ ଭାରତୀୟ ଶିକ୍ଷଣ ମଣ୍ଡଳ ବୌଦ୍ଧ ଶାଖା ତରଫରୁ ୫୫ତମ ପ୍ରତିଷ୍ଠା ଦିବସ ସଭାପତି ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିସରରେ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘଚାଳକ ସୂର୍ଯ୍ୟକାନ୍ତ ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର ଦାସ ସମ୍ମାନିତ ଅତିଥି ଓ ସଂସ୍କୃତ ଅଧ୍ୟାପକ ଅଜିତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଶ୍ରୀରାମଙ୍କ ଚରିତ୍ରର ଆବଶ୍ୟକତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୌଦ୍ଧ ଶାଖାର ସମ୍ପାଦକ ଅର୍ଜୁନ କଅଁର କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା,ଧ୍ରୁବଚରଣ ଘିବେଲା, ରଘୁନାଥ ଷଡ଼ଙ୍ଗୀ, ବିଜୟ କୁମାର ସାହୁ,ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ସାର ପ୍ରଧାନ,ରାଜକୁମାର ପ୍ରଧାନ, ଚନ୍ଦ୍ରକାନ୍ତ ନାୟକ, ସ୍ନେହଲତା ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ, ଅଧ୍ୟାପକ, ସାମ୍ବାଦିକ, ଲେଖକ ଓ କବିମାନେ ଅଂଶଗ୍ରହଣ କରିଥିଲେ।

# ମତଦାତାଙ୍କ ସଚେତନତା ନିମନ୍ତେ ଦସ୍ତଖତ ଅଭିଯାନ ଓ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ମୋ ଭୋଟ ମୋ ଦାୟିତ୍ୱ। ଜଗତସିଂହପୁର ଜିଲ୍ଲାରେ ଆସନ୍ତା ଜୁନ ୧ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଜିଲ୍ଲାରେ ଯେପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ, ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ମତଦାତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏସଭିପି ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ବ୍ଲକ୍ ତଥା ପଞ୍ଚାୟତ ସ୍ତରରେ ଚାଲୁରହିଛି। ଏହି ଉପଲକ୍ଷେ ଜିଲ୍ଲାପାଳ ଅନୁପମ ସାହା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଛନ୍ତି। ‘ଲେଟ୍ ଅସ ଭୋଟ’ର ସ୍ଲୋଗାନ ସହିତ ଜିଲ୍ଲାପାଳ ଶ୍ରୀ ସାହା ମତଦାନର ମହତ୍ତ୍ୱ ପ୍ରତିପାଦିତ କରିଥିଲେ। ଏହାପରେ ଜିଲ୍ଲାପାଳ ସେଲ୍ଫି ପଏଣ୍ଟ ରେ ଫଟୋ ଉଠାଇ ଜୁନ୍ ୧ ତାରିଖରେ ମତଦାନ ନିମନ୍ତେ ବାର୍ତ୍ତା ଦେଇଥିଲେ। ଏହି ଦସ୍ତଖତ ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ ନିର୍ବାଚନ ସଚେତନତା ବାର୍ତ୍ତା ସହ ନିଜର ଦସ୍ତଖତ କରିଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏସଭିପି ଅନ୍ତର୍ଗତ ଏହି ସଚେତନତା ପ୍ରୟାସ ନିଶ୍ଚିତ ଭାବେ ଜିଲ୍ଲାବାସୀଙ୍କୁ ଗଣତନ୍ତ୍ରର ମହାପର୍ବରେ ସାମିଲ କରିବ ବୋଲି ଆଶା କରାଯାଉଛି।

# ବୌଦ୍ଧଜିଲ୍ଲାରେ ଯୋଗ ଓ ଆୟୁର୍ବେଦ ପ୍ରଚାର ପ୍ରସାର ପାଇଁ ସଂକଳ୍ପ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ରାମ ନବମୀ ଠାରୁ ପତଞ୍ଜଳି ଯୋଗପୀଠ ହରିଦ୍ୱାରରେ ଯୋଗ ଓ ଆୟୁର୍ବେଦର ପ୍ରଚାର ପ୍ରସାର ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ବୌଦ୍ଧଜିଲ୍ଲା ଶାଖା ତରଫରୁ ମହାନଦୀ ଆଳତୀ ଘାଟ ଯୋଗ କେନ୍ଦ୍ର ଠାରେ ଏହି ଯୋଜନାର ଶୁଭାରମ୍ଭ ହୋଇ ଯାଇଛି। ଯୋଗ ଓ ଆୟୁର୍ବେଦର ବିଶେଷାଙ୍କ ପୁସ୍ତିକା ଯୋଗ ସନ୍ଦେଶ ପତ୍ରିକା ଓ ପତଳି ଯୋଗପୀଠର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲାପ୍ରଭାରୀ ଯୋଜନାର ରୂପରେଖ ସମ୍ପର୍କରେ ଆଲୋଚନା କରିଥଲେ। ପ୍ରତ୍ୟେକ ଯୋଗାଭ୍ୟାସ କରୁଥିବା ଭାଇ ଭଉଣୀ ଘରକୁ ଘର ଯାଇ ଯୋଗ ସମ୍ପର୍କରେ ଧାରଣା ଦେବା ସହିତ ଆୟୁର୍ବେଦ ଚିକିତ୍ସାକୁ ପ୍ରାଧାନ୍ୟ ଦେବାପାଇଁ ସଚେତନତା ସୃଷ୍ଟି କରିବେ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ମିଶ୍ର, ଲିଙ୍ଗରାଜ ମେହେର, ରାଜେନ୍ଦ୍ର କୁମାର ମିଶ୍ର, ସ୍ନେହଲତା ପୁରୋହିତ, କଲ୍ୟାଣୀ ଶତପଥି, ବିଜୟଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥଲେ। ଏହି ଅବସରରେ ସ୍ୱତନ୍ତ୍ର ଯୋଗ ଶିବିର, ବିଶ୍ୱଶାନ୍ତି ଯଜ୍ଞ ଓ ମହାନଦୀ ଆଳତି ଅନୁଷ୍ଠିତ ହୋଇଥିଲା।

# ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସେବା କାର୍ଯ୍ୟ ଜାରି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଦା ସର୍ବଦା ଲୋକମାନଙ୍କୁ ସେବା ଯୋଗେଇ ଆସିଛି। ଯେପରିକି ରକ୍ତଦାନ, ଖାଦ୍ୟ ଦାନ, ବସ୍ତ୍ର ଦାନ ଶୀତ ଦିନେ କମ୍ବଳ ଦାନ ପରି କାର୍ଯ୍ୟକ୍ରମ କରିଆସୁଛନ୍ତି। କିନ୍ତୁ ଏବେ ଏପରି ଏକ କାର୍ଯ୍ୟକ୍ରମ କରିଛନ୍ତି ଯାହାକି ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି। ରାଜେନ୍ଦ୍ର ସାମଲ କଟକ କିଶନ ନଗର ବାଲି ସୂକ୍ତି ଗ୍ରାମର ବାସିନ୍ଦା ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଟ୍ରଷ୍ଟର ସଭାପତି ଦିଲୁ ସାହୁ ଯେତେବେଳେ ଏହି କଥା ଜାଣିଲେ ତାଙ୍କ ସହ ଦେଖା କରି ତାଙ୍କୁ ଓ ତାଙ୍କ ପରିବାରକୁ ପୋଷ୍ୟ ପୁତ୍ର ଭାବେ ଗ୍ରହଣ କରି ତାଙ୍କର ସମସ୍ତ ଖର୍ଚ୍ଚ ଔଷଧ ଓ ରାସନ ସାମଗ୍ରୀ ଯୋଗେଇ ଆସୁଥିଲେ। ଦୁର୍ଭାଗ୍ୟ ବଶତଃ ରାଜେନ୍ଦ୍ରଙ୍କର ମୃତ ହେଇଗଲା ଓ ଟ୍ରଷ୍ଟ ପକ୍ଷରୁ ତାଙ୍କର ଏଗାର କାର୍ଯ୍ୟକ୍ରମ କରିବା ସହ ଉକ୍ତ ଗ୍ରାମର ପାଞ୍ଚଶାହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଖାଇବାକୁ ଦିଆଯାଇଥିଲା ଓ ରାଜେନ୍ଦ୍ରଙ୍କର ଦୁଇ ପୁଅଙ୍କର ଆଜୀବନ ପାଠପଢା, ରାସନର ଦାୟିତ୍ୱ ମଧ୍ୟ ଟ୍ରଷ୍ଟ ବହନ କରିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରୋଜିନୀ କାହାଳି, କେଦାର ଲକ୍ଷ୍ମୀ ଦାଶ, ଚନ୍ଦନ କୁମାର ସାହୁ ନିଶିକାନ୍ତ ଦାସ, ସସ୍ମିତା ବେହେରା, ଚନ୍ଦ୍ରକାନ୍ତ ପଟ୍ଟନାୟକ ଓ ସବୁ ସଦସ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମାପନ କରାଯାଇଥିଲା।



# ନୂତନ ଭୋଟର ସଚେତନତା କର୍ମଶାଳା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପୁରୁଣା କଟକ ଭୈରବୀ ଡିଗ୍ରୀ କଲେଜରେ ନୂତନ ଭୋଟରଙ୍କ ପାଇଁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କର୍ମଶାଳା ଉପ ଜିଲ୍ଲାପାଳ ତଥା ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହରଭଙ୍ଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ହରଭଙ୍ଗା ତହସିଲଦାର ବିଭୁ ପ୍ରସାଦ ସିଂ, କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣୀୟା ଯୋଗ ଦେଇଥିଲେ। ସମସ୍ତ ନାଗରିକ ତଥା ନୂତନ ଭାବେ ଭୋଟର ହୋଇଥିବା ଛାତ୍ରଛାତ୍ରୀମାନେ ଶତପ୍ରତିଶତ ମତଦାନ କରି ଭାରତୀୟ ଗଣତନ୍ତ୍ରକୁ ସମୃଦ୍ଧ କରିବାକୁ ଉପ ଜିଲ୍ଲାପାଳ ଶ୍ରୀ ଦଣ୍ଡସେନା ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।




# ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା



**କେନ୍ଦୁଝର, ନ୍ୟୁଜ୍**

ଧରଣୀଧର ବିଶ୍ୱ ବିଦ୍ୟାଳୟର ୨୦୨୧-୨୪ ଶିକ୍ଷାବର୍ଷ ଅନ୍ତର୍ଭୁକ୍ତ ଜାତୀୟ ସେବା ଯୋଜନା ସହିତ ସଂପୃକ୍ତ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶ୍ୱ ବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ସଭାପତିତ କରିଥିଲେ। ସ୍ୱେଚ୍ଛାସେବୀ ମାନଙ୍କୁ ଏଠାରୁ ବିଦାୟ ନେବା ପରେ ମଧ୍ୟ ସେବା କାର୍ଯ୍ୟ ଜାରି ରଖିବା ପାଇଁ ଉପଦେଶ ଦେଇଥିଲେ। ସଭାକୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରିତ ହୋଇଥିଲେ ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି। ଶ୍ରୀ ମହାନ୍ତି ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ମୂଳକ ବାର୍ତ୍ତା ପ୍ରଦାନ କରି ଜାତୀୟ ସେବା ଯୋଜନାର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଗାନ୍ଧିଜୀଙ୍କ ସେବା ଆଦର୍ଶ ସଂପର୍କରେ ସୂଚନା ଦେଇଥିଲେ। ୨୦୨୩-୨୪ ଶିକ୍ଷା-ବର୍ଷରେ ଅନୁଷ୍ଠିତ ହୋଇଥିବା ପ୍ରତି ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ସେବା ପରାୟଣତା ଓ ସହୃଦୟ ମନୋଭାବକୁ ପ୍ରଶଂସା କରିଥିଲେ। ଶେଷବର୍ଷର ବିଦାୟୀ ସ୍ୱେଚ୍ଛାସେବୀ ମାନଙ୍କୁ ଦିନର ଅଷ୍ଟପ୍ରହର ସେବା ପାଇଁ ଉତ୍ସର୍ଗ କରିବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ଏନ୍‌ଏସ୍‌ଏସ ଜିଲ୍ଲା ମୁଖ୍ୟ ଡ. ଅନୁପମା ଦାସ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଆଗାମୀ ବର୍ଷମାନଙ୍କରେ ମଧ୍ୟ ସେବା କାର୍ଯ୍ୟ ଜାରି ରଖିବା ପାଇଁ ଅନୁପ୍ରାଣିତ କରିଥିଲେ। ଆହୁରି ମଧ୍ୟ ଉକ୍ତ ସଭାରେ ବିଶ୍ୱ ବିଦ୍ୟାଳୟର ଏନ୍‌ଏସ୍‌ଏସ ପ୍ରମୁଖ ଡ. ସରିତା ନାୟକ ସ୍ୱେଚ୍ଛାସେବୀମାନଙ୍କୁ ନିଜ ଗହଣରୁ ବିଦାୟ ଦେଉଥିବାରୁ ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥିଲେ। ଆୟୁଷ କିରଣ ମଞ୍ଚ ପରିଚାଳନା କରିଥିଲେ ଏବଂ ସୁମନ ଧନ୍ୟବାଦ ଅର୍ପଣ କରି ସଭାର ସମାପ୍ତି ଘଟାଇଥିଲେ। ଏକ ଛୋଟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଦାୟ ସମ୍ବର୍ଦ୍ଧନା ସଭାକୁ ଶେଷ କରାଯାଇଥିଲା।

# ବିଜେପିର ଗୃହ ସମ୍ପର୍କ ଅଭିଯାନ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଅନ୍ତର୍ଗତ ବଡ଼ ରମ୍ଭାସ ପଞ୍ଚାୟତର ନୂଆ ରମ୍ଭାସ ଓ ବଡ଼ ରମ୍ଭାସରେ ବିଜେପିର ଗୃହ ସମ୍ପର୍କ ଅଭିଯାନ ବିଜେପି ଯୁବ ନେତା ସାନ୍ତୁନ ଖୁଣ୍ଟିଆ, ଦେବାଶିଷ ସେନାପତି ପ୍ରମୁଖଙ୍କ ନେତୃତ୍ୱରେ ଏହି ପଞ୍ଚୟତର ବିଭିନ୍ନ ଗାଁରେ ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ସମେତ ଅନେକ ବରିଷ୍ଠ ନେତା ଘର ଘର ଯାଇ ଏ ନିର୍ବାଚନରେ ବିଜେପିକୁ ଆଶୀର୍ବାଦ ଦେଇ ଉଭୟ ଲୋକସଭା ଓ ବିଧାନ-ସଭାରେ ବିଜୟୀ କରେଇବା ପାଇଁ ନିବେଦନ କରିଥିଲେ।



# ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ ପାଳିତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର, ସରପଡ଼ା ଓ ବାଲିଆପଦା ଗ୍ରାମପଞ୍ଚାୟତର ସଙ୍ଗମସ୍ଥଳରେ ଥିବା ପ୍ରସିଦ୍ଧ ମା’ ରଙ୍ଗେଶ୍ୱରୀଙ୍କ ପୀଠସ୍ଥଳୀରେ ଆଞ୍ଜନେୟଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୧୬ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ ଏହି ୩ଟି ପଞ୍ଚାୟତର ଗୋପପୁର, ସାଧୁପୁର ଓ ପଞ୍ଚସରଙ୍ଗବଳରାମପୁର ଗ୍ରାମ ସଙ୍ଗମସ୍ଥଳରେ ଅବସ୍ଥିତ ଭଗବାନ ଆଞ୍ଜନେୟଙ୍କ ମନ୍ଦିର ରହିଛି। ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପ୍ରାତଃହରୁ ମଙ୍ଗଳଆଳତୀ, ପ୍ରଭାତ ଅବକାଶ କରାଯିବା ସହ ବିଗ୍ରହକୁ ଏକ ସୁସଜ୍ଜିତ ବିମାନରେ ନିଆଯାଇ ହରିବୋଲ, ହୁଳହୁଳୀ ଘଣ୍ଟ କାହାଳୀ ଧ୍ୱନିରେ ସମଗ୍ର ଗ୍ରାମ ପରିକ୍ରମା କରାଯିବା ସହ ସାଧୁପୁରସ୍ଥିତ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରରେ ମହାସ୍ନାନ କରାଯିବା ସହ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲ। ସନ୍ଧ୍ୟାରେ ସମୂହ ଦୀପଦାନ ସହ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ପୂଜକ ସୁରେନ୍ଦ୍ରନାଥ ପଣ୍ଡା, ରଘୁନାଥ ପଣ୍ଡା ଓ ବିଶ୍ୱନାଥ ନନ୍ଦଙ୍କ ଦ୍ୱାରା ପ୍ରଭୁଙ୍କର ସମସ୍ତ ନୀତିକ୍ରାନ୍ତି ସମ୍ପନ୍ନ କରାଯିବା ସହ ହୋମ ଯଜ୍ଞ କରାଯାଇଥିଲା। କର୍ତାଭାବେ କିଶୋର ଚନ୍ଦ୍ର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ କର୍ତ୍ତୀଭାବେ ହୋମକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ପ୍ରସନ୍ନ କୁମାର ପତି, ନୀଳକଣ୍ଠ ନନ୍ଦ, ସୋମନାଥ ପତି ସମେତ ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ମତ୍ସ୍ୟଜୀବୀ ନେତା ଗିରଫଙ୍କୁ ମହାସଂଘ ପକ୍ଷରୁ ତୀବ୍ର ନିନ୍ଦା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଚିଲିକା ମତ୍ସ୍ୟଜୀବୀ ମହାସଂଘର ପୂର୍ବତନ ବରିଷ୍ଠ ତଥା ସଭାପତି ଅନାଦି ବେହେରାଙ୍କୁ ଗିରଫ କରାଯାଇଥିବାରୁ ମହାସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିବା ଖବର ମିଳିଛି। ଏଥିସହିତ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି କେବେ ବରଖାସ୍ତ କରାଯିବ ନାହିଁ। ୧୯୯୯ ମସିହା ସୋରଣ ଗୁଳିକାଣ୍ଡରେ ୬ ଜଣ ମତ୍ସ୍ୟଜୀବୀ ଶହିଦ ସହିତ ଅମାନୁଷିକ ଭାବେ ପ୍ରଶାସନ କାର୍ଯ୍ୟ କରିଥିଲେ ଯାହାକୁ ସଂଘ ପକ୍ଷରୁ ଦୃଢ଼ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ତାହର ଜବାବ ଚଳିତ ନିର୍ବାଚନରେ ଜବାବ ଦିଆଯିବ। ସେଥିପାଇଁ ୧୪୭ ଗ୍ରାମର ୪ଲକ୍ଷ ମତ୍ସ୍ୟଜୀବୀ (ପୁରୀ ୨ ଲକ୍ଷ, ଖୋର୍ଦ୍ଧା ଓ ଗଞ୍ଜାମ ୨ଲକ୍ଷ) ପ୍ରତ୍ୟେକ ସ୍ଥାନରେ ସଭା ଅନୁଷ୍ଠିତ କରାଯାଉଛି। ମତ୍ସ୍ୟଜୀବୀ ମହସଂଘ ନେତା ଭୀମସେନ ବେହେରା ପ୍ରତ୍ୟେକ ସ୍ଥାନରେ ସଭା ଆୟୋଜନ ପ୍ରକ୍ରିୟା ଜାରି ରଖିଛନ୍ତି। ଚିଲିକା ନିର୍ବାଚନ ମଣ୍ଡଳୀ ନୈରି, ଜରିପଡ୍, ସୋରାଣ, ଚନ୍ଦ୍ରପୁଟ, ସରସ୍ୱତୀ ନଗର, ବ୍ରହ୍ମଗିରି ଓ ପୁରୀ ନିର୍ବାଚନ ମଣ୍ଡଳୀରୁ ସାତପଡ଼ା, ମୈସା, ବ୍ରହ୍ମପୁର, ଖଟୁଆକୁଦ୍ଦି, ଖୋଳମୁହିଁ ଓ କୃଷ୍ଣପ୍ରସାଦ ବ୍ଲକ ର ବିଭିନ୍ନ ସ୍ଥାନ ଓ ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ସଭା ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟଜୀବି ନେତା ଭଞ୍ଜକିଶୋରେ ବେହେରା, ସୀତାରାମ ବେହେରା, ଖାଲି ବେହେରା, ଯୋଗୀ ବାଲା, ଦୁଃଖିଶ୍ୟାମ ଯାଲି, ପ୍ରକାଶ ବେହେରା, ସେନାପତି ବେହେରା, ଦେବକୀ ବେହେରା, ତପନ ବେହେରା, ପଙ୍କଜ ବେହେରା, ସୁକାନ୍ତ ଜୟସିଂହ, ବଳରାମ ଦାସ, ମାନସ ବେହେରା, କୁଞ୍ଜୀ ବେହେରା, ଗୋବିନ୍ଦ ବେହେରା, ୧୪ ଦେଶ ତଥା ଛପନ ତାଲୁକାସଭାପତି ବ୍ରଜବନ୍ଧୁ ବେହେରା, ନରସିଂହ ଦାସ, ରଘୁନାଥ ବେହେରା, ଲମ୍ବୋଧର ବେହେରା, ଭିକାରୀ ବେହେରା, ବନମାଳୀ ଜେନା, ନାରାୟଣ ଦାସ ଓ ନାରାୟଣ ବେହେରା ସମେତ ଅନ୍ୟାନୀ ନେତୃତ୍ୱ ମଣ୍ଡଳୀ ପ୍ରମୁଖ ସହଯୋଗ ସମର୍ଥନ ଜଣାଇଛନ୍ତି। ଆଗାମୀ ଦିନରେ ମତ୍ସ୍ୟଜୀବିଙ୍କ ସମସ୍ୟା ସମ୍ପର୍କରେ ଓ ଅନ୍ୟାୟ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବା ସମାଜସେବୀ ଅଭିଷେକ ମିଶ୍ର ପ୍ରକାଶ କରୁଛନ୍ତି।

# ଅଘୋଷିତ ବିଦ୍ୟୁତ କାଟ୍ ନେଇ ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଜନତା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଘନଘନ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଥିବା ପ୍ରତିବାଦରେ କଟକ ଚାନ୍ଦାବାଲି ରାସ୍ତାର ନିଶ୍ଚିନ୍ତକୋଇଲି ପି.ପି. କଲେଜ ନିକଟରେ ଉତ୍ତ୍ୟକ୍ତ ଜନତା ଟାୟାର ଜାଳି ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଗତ କିଛି ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ ଟାଟା ପାୱାର ତରଫରୁ ବିଭିନ୍ନ ଆଳ ଦେଖାଇ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଛି। ପ୍ରଚଣ୍ଡ ରୌଦ୍ରତାପରେ ଲୋକେ ତ୍ରାହି ଡାକୁଛନ୍ତି। ବିଶେଷ କରି ରୋଗାଗ୍ରାସ୍ତ ଲୋକେ, ଗର୍ଭବତୀ ପ୍ରସୁତି ମହିଳା ସର୍ବୋପରି କୋମଳମତି ଶିଶୁମାନେ ପ୍ରଚଣ୍ଡ ତାତିରେ ତ୍ରାହି ତ୍ରାହି ଡାକ ଦେବା ସହ ଡହଳ ବିକଳ ହେଉଛନ୍ତି। ଟାଟା ପାୱାର ଲୋକଙ୍କ ଠାରୁ ଜୋର ଜୁଲମ କରି କଡା ଗଣ୍ଡା ବିଦ୍ୟୁତ ଦେୟ ଆଦାୟ କରିବାକୁ ପଛାଉ ନାହିଁ। ଏପରିକି ଏପ୍ରିଲ ମାସରେ ବିଦ୍ୟୁତ ଦେୟ ବକେୟା ଥିବା



ଗ୍ରାହକଙ୍କୁ ଜୁଲମ କରି ଟାଟା ପାୱାର ବିଦ୍ୟୁତ ବିଲ୍ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗକୁ କାଟି ଦିଆଯାଉଥିବାର ଅଭିଯୋଗ ହୋଇଛି। ଏହି ସଂସ୍ଥା ଉପଭୋକ୍ତାଙ୍କ ଠାରୁ ଜୋର ଜୁଲମ କରି ବିଦ୍ୟୁତ ଦେୟ ଆଦାୟ କରୁଥିଲାବେଳେ ସେବା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଅସୁରେଶ୍ୱର, ନିଶ୍ଚିନ୍ତକୋଇଲି ଓ ଓରିକଣ୍ଡା ସେକସନରେ ଆବଶ୍ୟକୀୟ ଅନୁଯାୟୀ କର୍ମଚାରୀ ରହୁ ନ ଥିବାର ଅଭିଯୋଗ ହୋଇଛି। ଏପରିକି ଏହି ସଂସ୍ଥାରେ କାର୍ଯ୍ୟରତ କେତେକ କର୍ମଚାରୀ ଖୁଲମ୍‌ଖୁଲା ଭାବେ ସକ୍ରିୟ ରାଜନୀତି, ଠିକାଦାରୀ ଓ ବୀମା ଏଜେଣ୍ଟ ରୂପେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଫଳରେ କର୍ମଚାରୀଙ୍କ ଅନୁପସ୍ଥିତ ହେତୁ ଘନ ଘନ ବିଦ୍ୟୁତ କାଟ ହେଉଛି। ବିଦ୍ୟୁତ ଖୁଣ୍ଟ ମରାମତି କରାଯାଉନାହିଁ। ବହୁସ୍ଥାନରେ ବିପଦ ଜନକ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ ରହିଥିଲା ବେଳେ ତାର ମଧ୍ୟ ଝୁଲି ରହିଛି। ଟିକିଏ ପବନ ହେଲେ ବିଦ୍ୟୁତ କାଟି ଦିଆଯାଉଛି। ଏପରିକି ପ୍ରତିମାସରେ ବାରମ୍ବାର ମରାମତି ଆଳ ଦେଖାଇ ଘନ ଘନ ବିଦ୍ୟୁତ କାଟ କରାଯାଉଥିବାର ଅଭିଯୋଗ ହୋଇଛି। ଶନିବାର ରାତ୍ରରେ ସ୍ଥାନୀୟ ବଡଖିର ଗ୍ରାମପଞ୍ଚାୟତ ଗୋପପୁର ଠାରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମଟି ଅଚଳ ହୋଇପଡିଥିଲା। ସମଗ୍ର ଅଞ୍ଚଳ ଅନ୍ଧକାରରେ ରହିଥିଲା ବେଳେ ଲୋକେ ଅସହ୍ୟ ତାତିରେ ଡହଳ ବିକଳ ହୋଇଥିଲେ। ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଫୋନ ଉଠାଇ ନଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ କଲେଜଛକ ନିକଟରେ ଶତାଧିକ ଉତ୍ତ୍ୟକ୍ତ ଜନତା ଟାୟାର ଜାଳି କଟକ-ଚାନ୍ଦବାଲିରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାନବାହାନ ଗମନାଗମନ କରିବା ବାଧାପ୍ରାପ୍ତ ହୋଇଥିଲା। ଦୂର ଦୂରାନ୍ତର ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ଥାନାପୋଲିସ ଟାଟା ପାୱାର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।





# ଗାଁକୁ ପକ୍କା ସଡ଼କ ଓ ପିଇବା ପାଣି ନାହିଁ ନେତାଙ୍କୁ ଠେଙ୍ଗା ଧରି ଜଗିଛନ୍ତି ଜନତା

**ମାହାଙ୍ଗା, ନ୍ୟୁଜ୍**

ଭୋଟ୍ ବେଳ ଆସିଲେ ନେତାଙ୍କୁ ସାବାଡ଼ କରିବାକୁ ଭୋଟର ଏବେ ସଚେତନ ହେଲେଣି । ନିର୍ବାଚନ ବେଳେ ନେତାଙ୍କ ପକ୍ଷରୁ ମିଳୁଥିବା ଗଦା ଗଦା ମିଥ୍ୟା ପ୍ରତିଶ୍ରୁତି ଦେଇ ଏବେ ଆଉ ଭୋଟ୍ ନେବା ସମ୍ଭବ ନୁହେଁ ବୋଲି ସେମାନେ ବୁଝି ସାରିଲେଣି । ସ୍ୱାଧୀନତାର ୭୫ ବର୍ଷ ପରେ ଗାଁକୁ ନାଁ ଅଛି ପକ୍କା ରାସ୍ତା, ନାଁ ମିଳୁଛି ପିଇବା ପାଣି । ଏହାର ପ୍ରତିବାଦରେ ଏଥର ଭୋଟ୍ ବର୍ଜ୍ଜନ ପାଇଁ ଚେତାବନୀ ଦେଇଛନ୍ତି ଗାଁର ମହିଳାମାନେ । କେବଳ ସେତିକି ନୁହେଁ, କୌଣସି ନେତାଙ୍କୁ ଗାଁ ଭିତରକୁ ପ୍ରଚାର ପାଇଁ ପ୍ରବେଶ କରିବା ମନା ବୋଲି ବ୍ୟାନର ମାରି ସତର୍କ କରେଇ ଦେବାକୁ ମଧ ସେମାନେ ଭୁଲି ନାହାନ୍ତି । ଏହି ଘଟଣା ହେଉଛି ବହୁ ଚର୍ଚ୍ଚିତ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର । ଏହି ନିର୍ବାଚନ ମଣ୍ଡଳୀରୁ ୩ ଥର ନିର୍ବାଚିତ ହୋଇଥିବା ବିଧାୟକ ବିଭାଗୀୟ ମନ୍ତ୍ରୀ ହୋଇଥିବା ବେଳେ, କିପରି ଅଣଦେଖା ହୋଇଗଲା ଏହି ଗାଁ ? ଏହାକୁ ନେଇ




ସ୍ଥାନୀୟ ଅଞ୍ଚଳରେ ଉଠିଛି ବହୁ ପ୍ରଶ୍ନ ! ଆଶ୍ଚର୍ଯ୍ୟର କଥା ଏହି ନିର୍ବାଚନ ମଣ୍ଡଳୀର ବ୍ଲକ ସଦର ମହକୁମା ଶ୍ରୀକୃଷ୍ଣପୁର ପଞ୍ଚାୟତ ସବୁ କ୍ଷେତ୍ରରେ ଅବହେଳିତ ବୋଲି ଅଭିଯୋଗ ହୋଇଛି । ଅଡମ ମହେଶପୁର ରାଜସ୍ୱ ଗ୍ରାମର ଏକ ପଡା ଗାଁ ହେଉଛି ଚଡେଇପୁଟିଆ ଗାଁ । ବିକାଶ କଣ ଏମାନେ ଜାଣନ୍ତିନାହାଁନ୍ତି । ଗାଁର ୧, ୨, ଏବଂ ୫ ନମ୍ବର ୱାର୍ଡରେ ପିଇବା ପାଣି ମୁନ୍ଦେ ଏପର୍ଯ୍ୟନ୍ତ ପହଞ୍ଚି ପାରିଲାନାହିଁ । ମାଟି ରାସ୍ତାରେ ଏମାନେ ଆଗରୁ ଚାଲୁଥିଲେ ଆଉ ଆଜିବି ଚାଲୁଛନ୍ତି । କୁଆଁପାଳ ଠାରୁ ଚଡେଇ ପୁଟିଆ ଦଳିତ ବସ୍ତି ଏବଂ ଚଡେଇ ପୁଟିଆରୁ ମାଳିହତା ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନଥିବାରୁ, ଗାଁ ଭିତରକୁ କେବଳ ଟ୍ରଲି ଛଡା କୌଣସି ଗାଡି ଯାଇପାରୁନି । ଆମ୍ବୁଲାନ୍ସ କିମ୍ବା ନିଆଁ ଲିଭା ଫାୟାର ଗାଡି ଯିବା ଏଠି କଷ୍ଟକର । ସରପଞ୍ଚଙ୍କ ଠାରୁ ବିଡ଼ିଓ, ଜିଲ୍ଲାପାଳ, ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏମାନେ ଗୁହାରି କରିଥିଲେ ମଧ ଫଳ ମିଳିନାହିଁ । ସେଥିପାଇଁ ହାତରେ ଠେଙ୍ଗା ଧରି ଗାଁ ମୁଣ୍ଡ ଜଗିଲେଣି ମହିଳା । ତେଣୁ ବାକି ରହିଲା ଦେଖିବାକୁ ଏ ମହିଳାଙ୍କ ଏଭଳି ପ୍ରତିବାଦ କିଭଳି ପ୍ରଭାବ ପକାଉଛି ସ୍ଥାନୀୟ ପ୍ରଶାସନ ଉପରେ । ଆଉ କେବେ ବଦଳୁଛି ଏହି ଗାଁର ମୌଳିକ ସମସ୍ୟା ।

# କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ କ୍ୱାକ୍‌ଙ୍କ ହାତରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା !

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସରକାର ସ୍ୱାସ୍ଥ୍ୟସେବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ଡିଣ୍ଡିମ ପିଟୁଛନ୍ତି । ହେଲେ ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଆଜିବି ବୌଦ୍ଧ ବ୍ଲକର ଅଧିକାଂଶ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସେହି ଗାଉଁଲି କ୍ୱାକ୍‌ମାନଙ୍କ ହାତରେ ବନ୍ଧା ପଡିଛି । ଏପରିକି ଏହି କ୍ୱାକ୍‌ମାନଙ୍କ ଚିକିତ୍ସା ଯୋଗୁଁ ଅନେକ ରୋଗୀ ଅକାଳରେ ମୃତ୍ୟୁବରଣ କରୁଥିଲେ ସୁଦ୍ଧା କ୍ୱାକ୍‌ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନଥିବାରୁ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଉତ୍ସାହିତ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଞ୍ଚଳର ଜନସାଧାରଣ ଯେପରି ସୁବିଧାରେ ସ୍ୱାସ୍ଥ୍ୟସେବା ନିଜ ଗାଁରେ ପାଇପାରିବେ ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉପଯୁକ୍ତମାନର ସରକାରୀ ଔଷଧ ଯୋଗାଣ ପ୍ରତ୍ୟେକ ଗ୍ରାମରେ ରହିଥିବା ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଇଛି । ଏସବୁ ସତ୍ତ୍ୱେ ବୌଦ୍ଧ ବ୍ଲକର ଗ୍ରାମାଞ୍ଚଳରେ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି । ବିଶେଷକରି ବ୍ଲକର ବ୍ରାହ୍ମଣୀପାଲି, ଟିକରପଡା, ଆମ୍ବଝରି, ଖଜୁରୀପଡା ଅଞ୍ଚଳର ଉପାନ୍ତରେ ଥିବା ଗ୍ରାମ ମାନଙ୍କରେ କ୍ୱାକ୍ ମାନଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକ ଅତିଷ୍ଠ ହୋଇପଡୁଥିବା ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ରହିଥିବା କ୍ୱାକ୍‌ମାନଙ୍କ ଏ କ୍ଷେତ୍ରରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ମଧ ସେମାନେ ଖୋଲାଖୋଲି ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି । ଅନେକ କ୍ୱାକ୍ ସୁଦୂର କଲିକତା, ବମ୍ବେରୁ ତଥାକଥିତ ପାଠପଢା ପ୍ରମାଣପତ୍ର ଆଣି ଗ୍ରାମାଞ୍ଚଳରେ ଗୋଟିଏ ଲେଖାଏଁ ସାଇନ୍‌ବୋର୍ଡ ଲଗାଇ ରୋଗୀ ଚିକିତ୍ସା କରୁଥିବା ଦେଖାଯାଉଛି । ତେବେ ଏହିସବୁ କ୍ୱାକ୍‌ମାନେ ପାଇଥିବା ପ୍ରମାଣପତ୍ର କେତେ ଦୂର ସତ ତାକୁ ତଦାରଖ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସେମାନେ ଆହୁରି ଉତ୍ସାହିତ ହୋଇ ସେମାନଙ୍କ ବେଆଇନ୍ କାର୍ଯ୍ୟକୁ ବଢ଼ାଇ ହଜାର ହଜାର ଟଙ୍କା ନିରୀହ ଜନସାଧାରଣଙ୍କ ଠାରୁ ଲୁଟି ନେଉଥିବା ଦେଖାଯାଉଛି । ସବୁଠାରୁ ସମ୍ବେଦନ ବିଷୟ ହେଲା ଯେ, ଗ୍ରାମାଞ୍ଚଳରେ ନିରୀହ ଲୋକମାନଙ୍କୁ ଠକୁଥିବା କ୍ୱାକ୍‌ମାନେ କିଛି ଅନାମଧେୟ କମ୍ପାନୀର ଔଷଧ ଆଣି ଲୋକମାନଙ୍କୁ ଚଢ଼ାଦରରେ ଦେଉଥିବା ଦେଖାଯାଉଛି । ତେବେ ଏସବୁ ଔଷଧ ଗ୍ରାମାଞ୍ଚଳର କ୍ୱାକ୍‌ମାନଙ୍କ ପାଖକୁ କିପରି ଓ କାହାଠାରୁ ଯାଉଛି ତାହା ତଦନ୍ତ ସାପେକ୍ଷ । ଏପରିକି ଅନେକ କ୍ୱାକ୍ ସେମାନଙ୍କ ନିଜ ଘର ମାନଙ୍କରେ ମିନି ଡାକ୍ତରଖାନା ଖୋଲି ରୋଗୀମାନଙ୍କୁ ଔଷଧ ସାଙ୍ଗକୁ ସାଲାଇନ୍ ମଧ ଦେଉଥିବା ଅଭିଯୋଗ ହେଉଛି । କ୍ୱାକ୍‌ମାନଙ୍କ ଆବଶ୍ୟକ ଜ୍ଞାନର ଅଭାବ ଯୋଗୁଁ ଅନେକ ସମୟରେ ରୋଗୀମାନଙ୍କୁ ଚିକିତ୍ସା କରି ଶେଷ ମୁହୂର୍ତ୍ତରେ ନିଜର ଅସହାୟତା ପ୍ରକାଶ କରି ତାଙ୍କୁ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଉଛନ୍ତି । ଫଳରେ ରୋଗୀ ଆହୁରି ଗୁରୁତର ହୋଇ ଡାକ୍ତରଖାନା ଆସିବା ବାଟରେ ମଧ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି । ଏପରିକି ଏହିସବୁ କ୍ୱାକ୍‌ମାନେ ନିଜକୁ ଅତି ଶିକ୍ଷିତ ଦେଖାଇ ବେଆଇନ୍ ଗର୍ଭପାତ କରିବା ସହ ଗ୍ରାମାଞ୍ଚଳରେ ରହିଥିବା ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିବା ଦ୍ୱାରା ବିଭିନ୍ନ ସମୟରେ ସେମାନେ ମଧ ମୃତ୍ୟୁ ମୁଖରେ ପଡୁଛନ୍ତି । ଅନେକ କ୍ୱାକ୍ ସମ୍ପୃକ୍ତ ଅଞ୍ଚଳରେ ଥିବା କିଛି ସରକାରୀ ଡାକ୍ତର ତଥା ଲାଭଖୋର କିଛି ବିଭାଗୀୟ କର୍ମଚାରୀମାନଙ୍କୁ ମୋଟା ହାତଗୁଞ୍ଜା ଦେଇ ସେମାନଙ୍କ ବେଆଇନ୍ କାର୍ଯ୍ୟକଳାପକୁ ଚାଲୁ ରଖି ଗ୍ରାମାଞ୍ଚଳର ନିରୀହ ଜନସାଧାରଣଙ୍କ ଠାରୁ ହଜାର ହଜାର ଟଙ୍କା ଠକି ନେଇଥିବା ସାଧାରଣରେ ଅଭିଯୋଗ ହେଉଛି । ଜିଲ୍ଲାପ୍ରଶାସନ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି ।

# ବାଲିଗୁଡ଼ାରେ ରାଜନୈତିକ ବାତାବରଣ ସରଗରମ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହୋଇ ଉଠିଲାଣି । ଅନ୍ୟ ନିର୍ବାଚନ ମଣ୍ଡଳୀ ଅପେକ୍ଷା ଏହି ନିର୍ବାଚନ ମଣ୍ଡଳୀରେ ରାଜନୀତି ଗଣିତ କିଛି ଅଲଗା ରହିଥାଏ । ଚଳିତ ନିର୍ବାଚନରେ ବିଜେଡି, ବିଜେପି ଓ କଂଗ୍ରେସ ତିନି ପ୍ରମୁଖ ଦଳ ନିଜ ନିଜ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି କିନ୍ତୁ ନାମାଙ୍କନ ଶେଷ ପର୍ଯ୍ୟନ୍ତ ଏଠାରେ ଟିକଟ କାହାର ରହିବ କାହାର କଟିବ ସେ ନେଇ ଚର୍ଚ୍ଚା ଥମିବାର ନା ଧରୁନାହିଁ । ପ୍ରଥମେ ବିଜେପି ଦୁଇ ଦୁଇ ଥର ବିଧାୟକ ରହିଥିବା କରେନ୍ଦ୍ର ମାଝିଙ୍କ ଟିକଟ କାଟି ଝକିରି ଛାଡି ନୂତନ ଭାବେ ଯୋଗ ଦେଇଥିବା କଳ୍ପନା କହଁରକୁ ଟିକଟ ଦେଇଛି, ଯାହାର ପ୍ରାର୍ଥୀତ୍ୱକୁ ନେଇ କୁଇ ସମାଜ ପ୍ରଶ୍ନ ଉଠାଇଛି । ସେହିପରି କଂଗ୍ରେସ ପ୍ରଥମେ ସୁରୁଦା ପ୍ରଧାନଙ୍କୁ ଟିକଟ ଦେଇଥିବା ବେଳେ କୁଇ ସମାଜ ବିରୋଧ କରିବା ସହ ଦଳୀୟ ଅସନ୍ତୋଷ ଲାଗି ରହିଥିଲା । ଦଳୀୟ ପ୍ରଭାରୀଙ୍କ ନିକଟରେ ଉତ୍ତେଜନା ଦେଖାଦେଇଥିଲା ତାହାକୁ ନେଇ ଟିକଟ ଦେବାର ୧୦ ଦିନ ପରେ ପୁଣି ଟିକଟ ବଦଳାଇ ସୁରୁଦାଙ୍କ ସ୍ଥାନରେ ଉପେନ୍ଦ୍ର ପ୍ରଧାନଙ୍କୁ ଟିକଟ ଦେଇଛି । ବିଜେଡି ମଧ୍ୟରେ ଟିକଟ ରେସ୍‌ରେ ବହୁ ଆଶାୟୀ ରହିଥିବା ବେଳେ ବହୁ ତର୍କ ବିତର୍କ ଓ ଆଲୋଚନା ପରେ ବର୍ତ୍ତମାନର ବିଧାୟକ ରହିଥିବା ଚକ୍ରମଣି କହଁରଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳର ସୁପ୍ରିମୋ ବିଳମ୍ବ ହୋଇଥିଲେ ମଧ ଟିକଟ ତାଙ୍କୁ ହିଁ ପ୍ରଦାନ କରିଥିଲେ । ଏହାରି ମଧ୍ୟରେ ବିଜେଡି, ବିଜେପି ଓ କଂଗ୍ରେସ ଦଳ ମଧ୍ୟରେ ନେତା ଓ କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦଳ କିଭଳି ନିଜ ଦଳ ମଧ୍ୟରେ ରହିଥିବା ଅସନ୍ତୋଷକୁ ଆଲୋଚନା କରି ସମାଧାନ କରିବେ ନିଜ ନିଜ ମଧ୍ୟରେ ଉଦ୍ୟମ ଜାରି ରଖିଥିବା ଦେଖିବାକୁ ମିଳିଛି । ଏହି ଉଦ୍ୟମରେ ବିଜେଡି ଆଗରେ ରହିଥିବା ବେଳେ ବିଜେପି ସବୁଠାରୁ ପଛରେ ରହିଛି । ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ କହିଛନ୍ତି ବିଜେଡି ଏକ ବୃହତ ଓ ଶୃଙ୍ଖଳିତ ଦଳ । ଦଳ ମଧ୍ୟରେ ବିଧାୟକ ଓ ସାଂସଦ ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ରହିଥାନ୍ତି । କିନ୍ତୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଯାହା ନିଷ୍ପତି ନିଅନ୍ତି ଯାହାକୁ ପ୍ରାର୍ଥୀ କରନ୍ତି ତାହାକୁ ସମସ୍ତେ ମାନି ନିଅନ୍ତି, ଏଣୁ ଆମର ସମସ୍ତ ଆଶାୟୀ ପ୍ରାର୍ଥୀ ନେତା ଓ କର୍ମୀ ଏକତ୍ରୀତ ହୋଇ ନିର୍ବାଚନ ଲଢୁଛନ୍ତି । କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି ଦଳ ମଧ୍ୟରେ ଥିବା ଅସନ୍ତୋଷକୁ ଧୀରେ ଧୀରେ ଦୂର କରାଯାଉଛି । ଦଳର ବରିଷ୍ଠ ନେତାମାନେ ସେହି କାମରେ ଲାଗିଛନ୍ତି । ଦଳ ମଧ୍ୟରେ ଥିବା ଆଶାୟୀ ପ୍ରାର୍ଥୀ ମାନଙ୍କ ନିକଟରେ ମୁଁ ନିଜେ ପହଞ୍ଚି ତାଙ୍କ ସହ ଆଲୋଚନା କରିଛି । କିଭଳି ମିଳିମିଶି ନିର୍ବାଚନ ପରିଚାଳନା କରିବା ସହ ବିରୋଧୀଙ୍କୁ ପରାଜୟ କରି ବାଲିଗୁଡାରେ କଂଗ୍ରେସକୁ ବିଜୟ କରାଇବା ଆମ ମାନଙ୍କର ଏକ ମାତ୍ର ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କିନ୍ତୁ ବିଜେପି ଦଳ ମଧ୍ୟରେ ଥିବା ଅସନ୍ତୋଷ ବୁଥ୍ ବିଜୟ ଅଭିଯାନ କାର୍ଯ୍ୟକ୍ରମରୁ ହିଁ ଦେଖିଲେ ଜଳଜଳ ହୋଇ ବାରି ହୋଇଯାଉଥିଲା । ଏହି କାର୍ଯ୍ୟକ୍ରମରେ ଦୁଇ ଦୁଇ ଥର ବିଧାୟକ ଥିବା ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ବିଧାନସଭା ପ୍ରଭାରି ଲିଙ୍ଗରାଜ ଦଳବେହେରା ସମେତ ବହୁନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା ଓ କର୍ମୀ ଓ ସମସ୍ତ ବୁଥ୍‌ର କାର୍ଯ୍ୟକର୍ତ୍ତା ଯୋଗ ଦେଇନଥିବାରୁ ଆସିଥିବା କର୍ମୀଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ନିର୍ବାଚନର ନାମାଙ୍କନ ପୂର୍ବରୁ ଦଳ ମଧ୍ୟରେ ରହିଥିବା ଅସନ୍ତୋଷ ଦାଣ୍ଡରେ ପଡି ହାଟରେ ଗଡୁଛି । ଯାହାକୁ ନେଇ ସବୁଠାରେ ଚର୍ଚ୍ଚା । ବିଜେପିରେ ରହିଥିବା ଅସନ୍ତୋଷ ସମ୍ପର୍କରେ ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର କହିଛନ୍ତି ସବୁଠି ଅସନ୍ତୋଷ ଅଛି । ଆପଣଙ୍କ ଘରେ ମଧ ଅସନ୍ତୋଷ ଅଛି । ଆମ ଦଳରେ ଥିବା ଅସନ୍ତୋଷକୁ ଦୂର କରାଯାଉଛି, ବାଲିଗୁଡା ନିର୍ବାଚନକୁ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ ଓ ଲୋକସଭା ସଂଯୋଜକ ପଦ୍ମଚରଣ ଦାସ ସେହି ସ୍ଥାନର ହୋଇଥିବାରୁ କିଛି ଅସୁବିଧା ହେବନାହିଁ, ମୁଁ ନିଜେ ସେହି ନିର୍ବାଚନ ମଣ୍ଡଳୀର ମଧ ପରିଚାଳନା କରିଛି । ଏଣୁ ଅସନ୍ତୋଷ ଥିବା ବିଷୟ କିଛି ଅସୁବିଧା ହେବନାହିଁ ତେବେ ଦେଖିବାକୁ ବାକି ରହିଲା ଯେ, କେଉଁ ଦଳ କେତେ ଅସନ୍ତୋଷକୁ ଦୂର କରି ନିର୍ବାଚନ ବାଜି ମାରୁଛି ।

# ବସୁଧା ଯୋଜନା ପାଲଟିଛି ପ୍ରହସନ:ପାଣି ପାଇଁ ଗରା ଧରି ଜିଲ୍ଲାପାଳଙ୍କୁ ଦାବିପତ୍ର




**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସରକାର ଆଦିବାସୀ ଓ ଗରିବ ଲୋକଙ୍କ ପାଇଁ ମାଳମାଳ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ସ୍ଥାନୀୟ ଲୋକ ପ୍ରତିନିଧି ଓ କିଛି ପ୍ରଶାସନିକ ଅଧିକାରୀଙ୍କ ଉଦାସିନତା ମନୋଭାବ ଯୋଗୁଁ ଅନେକ ସ୍ଥାନରେ ଏହି ଯୋଜନା ସବୁ ପ୍ରହସନ ପାଲଟିଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବଡକମଣ୍ଡରା ଗ୍ରାମର ଜୁଆଙ୍ଗ ସାହି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେଲ୍ତଳାପଶି ପଞ୍ଚାୟତ ବଡକମଣ୍ଡରା ଜୁଆଙ୍ଗ ସାହିର ରାସ୍ତା କାମ ସମ୍ପୂର୍ଣ୍ଣ ନକରି ଟଙ୍କା ଉଠାଣ ଓ ପାନୀୟ ଜଳ ସମସ୍ୟା ନେଇ ଅନେକ ମହିଳା ଗରାଧରି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ବସୁଧା ଯୋଜନାରେ ତିଆରି ହୋଇଥିବା ପାଣି ଟାଙ୍କିରୁ ଜୁଆଙ୍ଗ ସାହିକୁ ପାନୀୟଜଳ ଅବରୋଧ କରାଯାଇଥିବାରୁ ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ପାଣି ଛାଡିବା ଦାୟିତ୍ୱରେ ଥିବା ବୃନ୍ଦାବନ ନାଏକ ବସୁଧା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ପରେ ୬ ମାସ ଯାଏ ଗ୍ରାମକୁ ପାଣି ସଂଯୋଗ କରିଥିଲେ । ଏବେ ଦିର୍ଘଦିନ ହେଲାଣି ସେ ପାଣି ଛାଡିବା ମଧ ବନ୍ଦ କରିଦେଇଛନ୍ତି । ପାଣି ନମିଳିବାରୁ ରୋଷେଇବାସ ନିତ୍ୟକର୍ମ ପାଇଁ ଲୋକେ ନାହିଁନଥିବା ହଇରାଣ ହେଉଥିବା ପ୍ରକାଶ କରିଛନ୍ତି । ଏହି ସବୁ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ ଆଜି ଯାଏ କୌଣସି ସୁଫଳ ମିଳି ନପାରିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଗମନା ଗମନର ସୁବିଧା ପାଇଁ ଗାଁମୁଣ୍ଡ ଜୁଆଙ୍ଗ ସାହି ରାସ୍ତା ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି । କିନ୍ତୁ ଠିକାଦାର ରାସ୍ତା କାମ ଅତି ନିମ୍ନମାନର କରିବା ସହିତ କାମ ବନ୍ଦ କରି ସମ୍ପୂର୍ଣ୍ଣ ବିଲ୍ ଉଠାଣ କରିଥିବା ବାସିନ୍ଦା ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରିବା ସହିତ ବସୁଧା ପ୍ରକଳ୍ପରୁ ପାନୀୟଜଳ ସଂଯୋଗ ତୁରନ୍ତ କରିବାକୁ ରାଜେନ୍ଦ୍ର ଜୁଆଙ୍ଗ, ଅର୍ଜୁନ ଜୁଆଙ୍ଗ, କଖା ଜୁଆଙ୍ଗ, ଗୀତା ଜୁଆଙ୍ଗ, ସଗୁଣୀ ଜୁଆଙ୍ଗ, ଆଶା ଜୁଆଙ୍ଗ, ଜଲ୍ଲି ଜୁଆଙ୍ଗ, ରାଧି ଜୁଆଙ୍ଗ, ଶନିବାରୀ ଜୁଆଙ୍ଗ, ଟୁରୀ ଜୁଆଙ୍ଗ, ସରୋଜିନୀ ଜୁଆଙ୍ଗ, ଦ୍ରୌପଦୀ ଜୁଆଙ୍ଗ, ପାର ଜୁଆଙ୍ଗ, ସୁଲୋଚନା ଜୁଆଙ୍ଗ, ଆମୁଲି ଜୁଆଙ୍ଗ, ଅନ୍ଧାରୀ ଜୁଆଙ୍ଗ, ସାନ୍ତାଳୀ ଜୁଆଙ୍ଗ, କନକ ଜୁଆଙ୍ଗ, ଅଶାଳୀ ଜୁଆଙ୍ଗ, ବିଳାସ ଜୁଆଙ୍ଗ, ରମଣୀ ଜୁଆଙ୍ଗ, ରାଧିକା ଜୁଆଙ୍ଗ, ସୁକାନ୍ତି ଜୁଆଙ୍ଗ, କାମିନୀ ଜୁଆଙ୍ଗ, ନିରଞ୍ଜନ ନାଏକ, ମାୟାଧର ନାଏକ ପ୍ରମୁଖ ଗରା ଧରି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ମାହାଙ୍ଗାରେ ବୈଜୟନ୍ତ ଓ ସୁମନ୍ତଙ୍କ ରୋଡ଼ ସୋ

**ମାହାଙ୍ଗା, ନ୍ୟୁଜ୍**

କେନ୍ଦ୍ରାପଡ଼ା ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ମାହାଙ୍ଗାରୁ ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଶୋଭାଯାତ୍ରାରେ ଆସି ଜନ ସମର୍ଥନ ଲୋଡ଼ିବା ଦେଖିବାକୁ ମିଳିଥିଲା । କୁରୁଜଙ୍ଗା ପଞ୍ଚାୟତରୁ ଦଳୀୟ କର୍ମୀମାନଙ୍କ ସହିତ ଉଭୟ ପ୍ରାର୍ଥୀଙ୍କୁ ଏକ ପଟୁଆରରେ ନିଆଯାଉଥିଲା । ବୈଜୟନ୍ତଙ୍କ ରାଲି କୁରୁଜଙ୍ଗାରୁ ଉମର ପର୍ଯ୍ୟନ୍ତ ଯିବାର ସ୍ଥିର ହୋଇଥିବା ବେଳେ, ପୋଡାମରାଇ ଠାରେ ଗାଡି ପାର୍କିଙ୍ଗକୁ ନେଇ ବଚସାରୁ ଗଣ୍ଡଗୋଳର ସୂତ୍ରପାତ ହେବା ଦେଖିବାକୁ ମିଳିଥିଲା । ଉତ୍ୟକ୍ତ ଭାଜପା କର୍ମୀମାନେ ଜନୈକ ଯୁବକକୁ ନିର୍ଘାତ ମାଡ଼ମାରି ଲହୁଲୁହାଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଭାଇକୁ ଉଦ୍ଧାର ପରେ ଚିକିତ୍ସା ପାଇଁ ମାହାଙ୍ଗା ମେଡିକାଲକୁ ନେଉଥିବା ବେଳେ ସାଇ ମନ୍ଦିର ନିକଟରୁ ଗୁରୁତର ଆହତ ଯୁବକକୁ ଉତ୍ୟକ୍ତ କର୍ମୀମାନେ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ମାଡ଼ପିଟ୍ ଘଟଣାରେ ଆଉ ଦୁଇଜଣ ଆହତ ହୋଇଥିବା କୁହାଯାଉଛି । ନିର୍ବାଚନ ପୂର୍ବରୁ ଭାଜପା କର୍ମୀଙ୍କ ଗୁଣ୍ଡାଗର୍ଦ୍ଦି ମାହାଙ୍ଗାରେ ଆଲୋଡନ ସୃଷ୍ଟି କରିଛି । ତେବେ ଏହି ଘଟଣା ଭାଜପା ପ୍ରାର୍ଥୀ ମାନଙ୍କୁ ଅଡୁଆରେ ପକେଇବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବନି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।



# ଧର୍ମଶାଳାରେ ବିଜେଡ଼ିର ବିଶାଳ କର୍ମୀ ସମାବେଶ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳାର ୧୩ ନଂ ଜୋନ୍ ଠାରେ ବିଜୁ ଜନତା ଦଳ ତରଫରୁ ଏକ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯାଜପୁରର ସାଂସଦ ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ଏବଂ ଧର୍ମଶାଳାର ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ । ସାଂସଦ ତାଙ୍କ ବକ୍ତବ୍ୟରେ ପ୍ରଥମେ ଧର୍ମଶାଳାରୁ ନିର୍ବାଚନ ପ୍ରଚାର ଆରମ୍ଭ ହେଲା ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ଯେଉଁ ନାରା ଦେଇ ଆପଣମାନଙ୍କ ଠାରୁ ଆର୍ଶୀବାଦ ମାଗିଛନ୍ତି । ସେହି ଯୋଡ଼ି ଶଙ୍ଖରେ ଆପଣମାନେ ଆର୍ଶୀବାଦ କରିବେ ବୋଲି ପ୍ରକାଶ କରିଥିଲେ । ଧର୍ମଶାଳାର ବିଧାୟକ ତାଙ୍କ ବକ୍ତବ୍ୟରେ ବିଗତ ୨୪ ବର୍ଷ ଧରି ଧର୍ମଶାଳା ବାସୀ ବିଜୁ ଜନତା ଦଳ ସହ ସବୁବେଳେ ରହି ଆସିଛନ୍ତି ବୋଲି କହିଥିଲେ । ଏବଂ ତାଙ୍କୁ ୨ ଥର ଧର୍ମଶାଳାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିବାରୁ ସେ ସାରା ଜୀବନ ଧର୍ମଶାଳା ବାସୀଙ୍କ ପାଖେ ଋଣି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଧର୍ମଶାଳାକୁ ଗୁରୁତ୍ୱ ଦେଇଛନ୍ତି ଓ ସର୍ବାଧିକ କାର୍ଯ୍ୟ ପ୍ରଥମେ ଧର୍ମଶାଳାରେ ଆରମ୍ଭ କରନ୍ତି । ତେଣୁ ତାହାର ପ୍ରତି ବଦଳରେ ଆମେ ମୁଖ୍ୟମନ୍ତ୍ରୀଙ୍କୁ ବହୁ ପରିମାଣର ଭୋଟ ମାଧ୍ୟମରେ ଆର୍ଶୀବାଦ ପ୍ରଦାନ କରିବା ତାହା କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ । ଆଗାମୀ ନିର୍ବାଚନରେ କିଭଳି ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମଶାଳାରୁ ସର୍ବାଧିକ ବ୍ୟବଧାନରେ ସହଯୋଗ କରିବା ତାହା ଉପରେ ଆଲୋଚନା କରିଥିଲେ । ଏହି ସମାବେଶକୁ ଦେଖି ଲାଗୁଛି ଜୁନ୍ ୪ ତାରିଖରେ ସାରା ଓଡ଼ିଶାରେ ବିଜୁ ଜନତା ଦଳ ଧର୍ମଶାଳାରେ ଏକ ନମ୍ବରରେ ରହିବ ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମତ ପ୍ରକାଶ କରିଥିଲେ । ଏହି ସଭାରେ ଧର୍ମଶାଳା ବ୍ଲକ ବିଜୁ ଜନତା ଦଳର ସଭାପତି ଜଳଧର ମହାନ୍ତି, ୧୩ ନଂ ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ରାଉତ, ୧୩ ନଂ ଜୋନ୍‌ର ଜିଲ୍ଲା ପରିଷଦ ସ୍ମୃତିରେଖା ବେହେରା ଓ ୧୦ ଗୋଟି ପଞ୍ଚାୟତର ସଭାପତି ଏବଂ ପ୍ରାୟତଃ ୧୦ ହଜାରରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳ କର୍ମୀ ଯୋଗ ଦେଇଥିଲେ ।

# 'କଟକବାସୀଙ୍କ ହୃତ ଗୌରବ ଫେରାଇ ଆଣିବା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ଜରୁରୀ'

**କଟକ, ନ୍ୟୁଜ୍ ବ୍ୟୁରୋ**

ରିଫର୍ମ-ପରଫର୍ମ ଟ୍ରାନ୍ସଫର୍ମକୁ ମୂଳମନ୍ତ୍ର ଏବଂ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସକୁ ଆଧାର କରି ମୋଦି ସରକାର ସୁରକ୍ଷିତ ଭାରତ ସମୃଦ୍ଧ ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଦିଆଯାଇଥିବା ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ୨୨୨ଟି ପ୍ରତିଶ୍ରୁତିକୁ ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ । ମୋଦି ସରକାରଙ୍କ ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଉଦ୍ଦେଶ୍ୟରେ ବିଜେପି ତରଫରୁ ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି ପ୍ରକାଶ ପାଇଛି । ସୋସିଆଲ, ଫିଜିକାଲ ଓ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନରେ ବୁଷ୍ଟର ସଦୃଶ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଇସ୍ତାହାର କମିଟି ସଂଯୋଜକ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ କାର୍ଯ୍ୟାଳୟ ଠାରେ ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି ଉନ୍ମୋଚନ କରିଥିଲେ । ସଂକଳ୍ପ ପତ୍ରର ଓଡ଼ିଆ ସଂସ୍କରଣକୁ ଆପଣମାନଙ୍କ ମାଧ୍ୟମରେ ଆଜି କଟକ ଲୋକସଭା ତଥା କଟକ ଜିଲ୍ଲାର ନାଗରିକ ମାନଙ୍କ ପାଖରେ ପହଞ୍ଚେଇବାର ପ୍ରୟାସ କରିଛୁ । ଯୁବକ, ମହିଳା, କୃଷକ ଓ ଗରିବଙ୍କୁ ମୋଦିଜୀ ଏହି ସଂକଳ୍ପପତ୍ରରେ ଗୁରୁତ୍ୱ ଦେଇଛନ୍ତି । ୧୦ ବର୍ଷ ଭିତରେ ୨ଟି ସଂକଳ୍ପ ପତ୍ର ନିର୍ମାଣ କରାଯାଇଥିଲା । ଏହି ସଂକଳ୍ପପତ୍ର କାର୍ଯ୍ୟକାରୀ କରିବାରେ ମୋଦିଜୀ ସଫଳ ହୋଇଛନ୍ତି । ଏହି ସଂକଳ୍ପପତ୍ର ଓଡ଼ିଆ ଭାଷାରେ ପ୍ରକାଶ ପାଇଥିବାରୁ ଓଡ଼ିଶାବାସୀଙ୍କୁ ମୋଦି ଗ୍ୟାରେଣ୍ଟି ସମ୍ପର୍କରେ ଆହୁରି ଅଧିକ ଜାଣିବାରେ ସକ୍ଷମ ହେବେ । ମୋଦି ଗ୍ୟାରେଣ୍ଟି ସଂକଳ୍ପପତ୍ରର ଓଡ଼ିଆ ସଂସ୍କରଣକୁ ଓଡ଼ିଶାର ଘରେ ଘରେ ପହଞ୍ଚାଇବାକୁ ରାଜ୍ୟ ସଭାପତି ମନମୋହନ ମଧ ଆହ୍ୱାନ ଦେଇଛନ୍ତି । ଆଜି ଦେଶର ୮୦ କୋଟିରୁ ଅଧିକ ନାଗରିକ ମାଗଣା ରାସନ ପାଉଛନ୍ତି । ୫୦ କୋଟିରୁ ଅଧିକ ନାଗରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଯୋଗ ଦେଇଛନ୍ତି । ୩୪ ଲକ୍ଷ କୋଟି ଟଙ୍କା ସିଧାସଳଖ ଲୋକଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି । ମାଗଣା ସ୍ୱାସ୍ଥ୍ୟ ବୀମା ଅଧୀନରେ ୩୪ କୋଟିରୁ ଅଧିକ ନାଗରିକ ଅନ୍ତର୍ଭୁକ୍ତ ହୋଇଛନ୍ତି । ୪କୋଟିରୁ ଅଧିକ ପରିବାରକୁ ବର୍ତ୍ତମାନ ସୁଦ୍ଧା ପକ୍କା ଘର ମିଳିଛି । ୧୪ କୋଟିରୁ ଅଧିକ ପରିବାର ବିଶୁଦ୍ଧ ଟ୍ୟାପ୍ ପାଣି ସୁବିଧା ପାଇଛନ୍ତି । ୧୦ କୋଟିରୁ ଅଧିକ ମହିଳାଙ୍କ ନିକଟରେ ସ୍ୱଚ୍ଛ ରନ୍ଧନ ଗ୍ୟାସ୍ ରହିଛି । ୧୧ କୋଟିରୁ ଅଧିକ ପରିବାରକୁ ଶୌଚାଳୟ ମିଳିଛି । ୨.୮ କୋଟି ପରିବାରକୁ ବିଦ୍ୟୁତ୍ ଯୋଗାଣ ହୋଇଛି । ଟ୍ରିପଲ ତଲାକ ଉପରେ ପ୍ରତିବନ୍ଧକ ଭଳି ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ଲୋକସଭା ଆସନର ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ନଗର ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡୁ, ଲୋକସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ଶୁଭେନ୍ଦୁ ମହାନ୍ତି, ଜ୍ୟୋତି ରଞ୍ଜନ ରାୟ, ଜୋନାଲ ମିଡିଆ ସଂଯୋଜକ ମାନସ ପାଣି ଓ ଲୋକସଭା ମିଡିଆ ସଂଯୋଜକ ସୁବାଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଉପଭୋକ୍ତାଙ୍କ ସେବାରେ ଟିପିଏନଓଡିଏଲ କର୍ମଚାରୀ

**ବାଲେଶ୍ୱର, ନ୍ୟୁଜ୍**

ସଂପ୍ରତି ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହର ପ୍ରତିକୂଳ ସ୍ଥିତିରେ ମଧ କର୍ମ ତତ୍ପର ଟିପିଏନଓଡିଏଲର କର୍ମଚାରୀ । ଅସହ୍ୟ ତାତିକୁ ଖାତିର ନକରି ଲୋକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ପ୍ରୟାସରତ । ତତ୍‌କ୍ଷଣାତ୍ ବିଦ୍ୟୁତ୍ ସମସ୍ୟାର ସମାଧାନ ସହ ନିର୍ଭରଯୋଗ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଗ୍ରାଉଣ୍ଡରେ ନିୟୋଜିତ ରହିଛନ୍ତି ଏହିପରି ଅନେକ ଟିମ୍ ।

# ବ୍ୟବସାୟିକ ଶତ୍ରୁତାରୁ ପୂର୍ବତନ ନଗରପାଳଙ୍କୁ ମାଡ଼ ଅଭିଯୋଗ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ପୌରପରିଷଦର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲଙ୍କୁ ବ୍ୟବସାୟିକ ଶତ୍ରୁତାରୁ ମାଡ଼ ମରାଯାଇଥିବା ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ ଗାନ୍ଧୀ ଛକ ସ୍ଥିତ ବୃନ୍ଦାବନ କଲୋନୀରେ ରହୁଥିବା ସନ୍ତୋଷ ମିଶ୍ରଙ୍କ ନିମନ୍ତ୍ରଣ ପାଇ ହନୁମାନ ମନ୍ଦିର ପ୍ରତିଷ୍ଠା ଭୋଜି ଖାଇବାକୁ ଯାଇଥିଲେ । ଘର ବାହାରେ କିଶୋର ତାଙ୍କର ଚାରି ଚକିଆ ଗାଡ଼ିକୁ ପାର୍କିଂରେ ରଖି ଯାଉଥିବା ସମୟରେ ଅରୁଣ ମୁନ୍ଦ୍ରା ତାଙ୍କ ପୁଅ ଅଂଶୁଲ ମୁନ୍ଦ୍ରା ଓ ବରୁଣ ଶର୍ମା ହଠାତ୍ କିଶୋରଙ୍କ ଉପରେ ଆକ୍ରମଣ କରିଥିଲେ । ଫଳରେ ସେ ତଳେ ପଡିଯାଇଥିଲେ । ଅରୁଣ ମୁନ୍ଦ୍ରା ଏକ ବଡ଼ ପଥର ଉଠାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଏଥର




ଜୀବନରେ ମାରି ଦେବାକୁ ଧମକ ଦେଇଥିବା ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ଥାନାରେ ଅଭିଯୋଗ କରିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି । ଅରୁଣଙ୍କ ସହ ପୂର୍ବରୁ ବ୍ୟବସାୟୀକ ଶତ୍ରୁତା ଥିବା ମଧ କହିଛନ୍ତି । ଅନ୍ୟପକ୍ଷରେ କିଶୋରଙ୍କ ସହ ବ୍ୟାବସାୟ କରୁଥିବା ଅରୁଣ ମୁନ୍ଦ୍ରାଙ୍କ ପ୍ରତିକ୍ରିୟା ନେବାରୁ ସେ ଗାନ୍ଧୀଛକ ଫାଣ୍ଡିରେ ଏକ ପାଲଟା ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଅରୁଣ ମନ୍ଦିରରୁ ପ୍ରସାଦ ସେବନ କରି ଫେରୁଥିବାବେଳେ କିଶୋର ପ୍ରଥମେ ତାଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ଧକ୍କା ମରାମରି ହୋଇଥିଲା ବୋଲି ପ୍ରକାଶ କରିଛନ୍ତି । ବ୍ରଜରାଜନଗର ଥାନା ପୋଲିସ ଏହି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨୮।୪।୨୦୨୪, ବୈଶାଖ ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୨୦।୨୧** **ଚନ୍ଦ୍ରୋଦୟ- ରାଘ ୧୦।୨୧।୧୩**

ଚତୁର୍ଥୀ- ଦିଘ ୮।୨୩ ପର୍ଯ୍ୟନ୍ତ । ମୂଳା ନକ୍ଷତ୍ର- ରାଘ ୪।୪୮ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି –** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୮।୨୩ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଘ ୫।୨୩ ଗତେ ଘ ୯।୩୭ ମଧ୍ୟେ । ଦିଘ ୫।୧୯ ଗତେ ଘ ୧୦।୫୧ ମଧ୍ୟେ । **ପର୍ବୋତ୍ସବ –** ଓକିଲ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ।


**ମେଷ:** ମନରେ ଭକ୍ତିଭାବ ଆସିବ । ସାର୍ବଜନୀନ କାର୍ଯ୍ୟ ବା ସେବା ପୂଜାରେ ଯୋଗଦାନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବାର ସୂଚନା ।


**ବୃଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମକ୍ଲାନ୍ତିରୁ କର୍ମହାନୀର ଆଶଙ୍କା । ରୋଜଗାରରେ ବାଧା ଦେଖାଦେବ । ଦୂରଯାତ୍ରା କରି ଅଶାନ୍ତି ଦେଖାଦେବ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା ମଧ ରହିଛି ।


**ମିଥୁନ:** କୌଣସି ଶୁଭ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦ ଉତ୍ସବରେ ମାତିବେ । ବନ୍ଧୁ ମିଳନ ଯୋଗ ରହିଛି । ଦୂରଯାତ୍ରା କରିପାରନ୍ତି । ପରିବାରରେ ଆନନ୍ଦ ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।


**କର୍କଟ:** ସହକର୍ମୀ ବା ପଦସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ । ମହିଳାମାନେ ସୁଖୀ ହେବେ ।


**ସିଂହ:** ସହକର୍ମୀ ମାନଙ୍କ ଅସହଯୋଗରୁ କର୍ମହାନୀର ଆଶଙ୍କା । ଅନ୍ୟମାନଙ୍କ ପାଖରେ ଅପଦସ୍ତର ଶିକାର ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦୂର ଯାତ୍ରାରେ ନିଷ୍ଫଳ ଦେଖାଦେବ । ମହିଳାମାନେ ଆନନ୍ଦିତ ହେବେ ।


**କନ୍ୟା:** ମନରେ ବିରକ୍ତି ତଥା ଅଶାନ୍ତି ଲାଗି ରହିବାର ଆଶା । କର୍ମକ୍ଷେତ୍ରରେ କାର୍ଯ୍ୟହାନୀର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ସୁଖ ଶାନ୍ତି ଲାଭ ହେବ । ଶରୀର ସୁସ୍ଥ ରହିବ ।


**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ସହିତ ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଠକାମିରେ ପଡ଼ିପାରନ୍ତି । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


**ବିଛା:** କୌଣସି କାର୍ଯ୍ୟ ପ୍ରତି ମମତା ଆସିବ ନାହିଁ । ମନରେ ଘୃଣା ଭାବ ଜାଗ୍ରତ ହେବ । ଦୂରଯାତ୍ରାରେ କଷ୍ଟ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆଶ୍ୱସ୍ତି ଲାଭ କରିବେ । ମହିଳାମାନେ ଗର୍ବୀ ହେବେ ।


**ଧନୁ:** ଦୂରଯାତ୍ରା କରି ବହୁ ସଫଳ ଲାଭ କରିବେ । କର୍ମକ୍ଷେତ୍ରରେ ସୌଜନ୍ୟତା ପ୍ରାପ୍ତି ହେବ । ରୋଜଗାରରେ ସାମାନ୍ୟ ଉନ୍ନତି । ପରିବାରରେ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଦେହ ଭଲ ରହିବ ।


**ମକର:** ଅତୀତ ଘଟଣା ପାଇଁ ଅନୁତପ୍ତ ହେବେ । ନାନା କାରଣ ପାଇଁ ଚିନ୍ତା ବଢ଼ିବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ ପାରସ୍ପରିକ ଆଲୋଚନାରୁ ଆନନ୍ଦ ଲାଭ ହେବ । ମହିଳାମାନେ ସୁଖୀ ହେବେ ।


**କୁମ୍ଭ:** ହଠାତ୍ ବିଷର୍ଣ୍ଣ ବୃଦ୍ଧି ହେବ । କୌଣସି ଦୁର୍ଘଟଣା ପାଇଁ ଚିନ୍ତା ବଢ଼ିବ । ଆୟରେ ବାଧା ସୃଷ୍ଟି ହେବ । ବିରକ୍ତି ଆସିବ । ପରିବାରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଶରୀର ଅସୁସ୍ଥ ରହିବାର ସୂଚନା ।


**ମୀନ:** ଦୂରଯାତ୍ରା କରି ଫଳବତୀ ହେବେ । ବନ୍ଧୁ ସହଯୋଗ ମିଳିବ । ନିଜ କର୍ମ ପାଇଁ ପ୍ରଶଂସିତ ହେବେ । ସୁଖ ସମ୍ମାନ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ରହିବାର ସୂଚନା ।

## ଚାଷୀ ମହାସଂଘ ତରଫରୁ ହାଟରେ ଆଲୋକୀକରଣ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଚାଷୀ ବେପାରୀ ମହାସଂଘ ତରଫରୁ ନିୟନ୍ତ୍ରିତ ବଜାର କମିଟି ତରଫରୁ ପରିଚାଳିତ ହାଟରେ ଆଲୋକୀ କରଣ କରିବା ପାଇଁ ଦାବି କରାଯାଇଛି । ହାଟକୁ ପ୍ରତ୍ୟେକ ଦିନ ହାଟ ସରିବା ପରେ ପରିଷ୍କାର କରାଯିବା, ହାଟ ଭିତରେ ସମ୍ପୂର୍ଣ୍ଣ ପରିସରକୁ ଆଲୋକୀ କରଣ କରାଯିବା, ହାଟ ମାନଙ୍କରେ ଶୌଚ ହେବାପାଇଁ ପାଇଖାନା ଏବଂ ପରିସ୍ରାଗାର ନିର୍ମାଣ କରାଯିବା, ନିର୍ମାଣ ହୋଇଥିବା ହାଟ ଗୃହ ଗୁଡିକୁ ସୂଚାରୁ ରୂପେ ବିତରଣ କରିବା ଆଦି ଦାବି ଗୁଡିକ ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଚାଷୀ ବେପାରୀ ମହାସଂଘର ରମଣୀ ରଞ୍ଜନ ରାଉତରାୟ, ଚିତରଞ୍ଜନ ମହାନ୍ତି, କୁବେର ସାହୁ, ରାଜେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨୯।୪।୨୦୨୪, ବୈଶାଖ ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୧୯।୪୩** **ଚନ୍ଦ୍ରୋଦୟ- ରାଘ ୧୧।୧୮।୦୪**

ପଞ୍ଚମୀ- ଦିଘ ୭।୫୮ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର- ନିଘ ୪।୪୨ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି –** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୭।୫୮ ପରେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଘ ୬।୫୭ ମଧ୍ୟେ । ଦିଘ ୧୦।୨୮ ଗତେ ଘ ୧।୦୧ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଡିପ୍‌ଫେକ୍ ସମସ୍ୟାକୁ ରୋକିବା ଲାଗି ଆଇନର ଆବଶ୍ୟକତା

ଡିପ୍‌ଫେକ୍‌କୁ ନେଇ ଦେଶବ୍ୟାପୀ ଚିନ୍ତା ପ୍ରକଟ କରାଯାଇଥିବା ବେଳେ ଏହାର କିଭଳି ମୁକାବିଲା କରାଯିବ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପ୍ରଯୁକ୍ତିରେ ହୋଇଥିବା ଉନ୍ନତି ଯୋଗୁଁ ଡିପ୍‌ଫେକ୍ ଭିଡିଓ ତିଆରି ହୋଇପାରୁଛି। ସେହି ସମସ୍ୟାର ମୁକାବିଲା ଏଆଇ ହିଁ କରିପାରିବ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି।

ଏବିଷୟରେ ସିଏସ୍‌ଏମ୍ ଟେକ୍ନୋଲୋଜିସ୍‌ର ନିର୍ଦ୍ଦେଶକ (ଷ୍ଟ୍ରାଟେଜିକ୍ ଗ୍ରୋଥ୍ (ଆମେରିକା) ପ୍ରେମ ସରିତ ଆଚାର୍ଯ୍ୟ କହିଛନ୍ତି ଯେ ଡିପ୍‌ଫେକ୍‌କୁ ଚିହ୍ନଟ କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ବ୍ୟବହାର କରାଯାଇପାରିବ। କମ୍ପ୍ୟୁଟରକୁ ସୁରକ୍ଷା ପ୍ରଦାନ କରିବା ଲାଗି ଆଣ୍ଟି ଭାଇରସ ବ୍ୟବହାର କରାଯାଏ। ସେହିଭଳି କେତେକ ଏଆଇ ମଡେଲ୍ ଓ ଟୁଲ୍ ରହିଛି ଯାହା ଜରିଆରେ ଡିପ୍‌ଫେକ୍‌କୁ ସହଜରେ ଚିହ୍ନଟ କରାଯାଇପାରିବ। କେବଳ ଚିହ୍ନଟ ନୁହେଁ, ଯେଉଁ ପ୍ଲାଟଫର୍ମରେ ତାହା ଭାଇରାଲ ହେଉଛି ତାହାକୁ ସେଥିରୁ ହଟାଇ ଦିଆଯାଇପାରିବ ଓ ତାହାର ପ୍ରସାରକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ଡିପ୍‌ଫେକ୍ ଭିଡିଓକୁ ଚିହ୍ନଟ କରିବା ଲାଗି ଉନ୍ନତ ଏଆଇ ଆଲ୍‌ଗୋରିଦମ୍ ଉପରେ ଗବେଷଣା ଓ ବିକାଶ ପାଇଁ ଅଧିକ ନିବେଶ କରିବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ଆଇନଗତ ବ୍ୟବସ୍ଥା, ପ୍ରଯୁକ୍ତିରେ ଗବେଷଣା ଓ ଆନ୍ତର୍ଜାତିକ ସହଯୋଗିତାର ସମିଶ୍ରଣରେ ଡିପ୍‌ଫେକ୍‌ର ମୁକାବିଲା କରାଯାଇପାରିବ।

ସେ କହିଛନ୍ତି ଯେ ଡିପ୍‌ଫେକ୍ ସମସ୍ୟାକୁ ରୋକିବା ଲାଗି ଏକ ବ୍ୟାପକ ଆଇନର ଆବଶ୍ୟକତା ରହିଛି। ସେଭଳି ଭିଡିଓ, ଛବି କିମ୍ବା ଅଡିଓ ଭଳି ବିଷୟବସ୍ତୁ ସୃଷ୍ଟିଠାରୁ ଆରମ୍ଭ କରି ପ୍ରସାର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ର ଲାଗି ଆଇନରେ ବ୍ୟବସ୍ଥା ରହିବା ଦରକାର। ଏହି ଆଇନ ପ୍ରସ୍ତୁତ କରିବା ବେଳେ ସୁରକ୍ଷିତ ଡାଟା ପରିଚାଳନା ଏବଂ ସବୁ ବ୍ୟକ୍ତିଗତ ତଥ୍ୟ ଯେଭଳି ଏନ୍‌କ୍ରିପ୍ଟେଡ୍ ରହିବ ତାହା ସୁନିଶ୍ଚିତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ସ୍ୱାଭିମାନୀ ଆଇନଜୀବୀ ମଧୁବାବୁ



ବିଭୁପ୍ରସାଦ ତ୍ରିପାଠୀ
ଆଇନଜୀବି ଓଡ଼ିଶା ହାଇକୋର୍ଟ
ଦୂରଭାଷ- ୯୪୩୭୦୧୨୪୬୦

ଚଳିତ ବର୍ଷ ପରି ଏଥର ମଧ ରାଜ୍ୟବ୍ୟାପୀ ଆଇନଜୀବୀମାନେ ସ୍ୱାଭିମାନୀ ଆଇନଜୀବି ମଧୁସୂଦନ ଦାସଙ୍କର ଜନ୍ମ ଜୟନ୍ତୀକୁ ଆଇନଜୀବୀ ଦିବସ ଭାବେ ପାଳନ କରୁଛନ୍ତି । ଏହି ଅବସରରେ ରାଜ୍ୟର ୧୬୦ଟି ବାରଆସୋସିଏସନ୍ ଗୁଡ଼ିକରେ ପରମ୍ପରାଗତ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କିନ୍ତୁ ଏହି କାର୍ଯ୍ୟକ୍ରମରେ ଯେଭଳି ଜୀବନ ନ ଥିବା ଭଳି ପ୍ରତୀୟମାନ ହେଉଛି । ସ୍ୱାଭିମାନୀ ଆଇନଜୀବୀଟିଏ ଖୋଜିବା ବେଳେ ମଧୁବାବୁଙ୍କ ଜୀବନାଦର୍ଶ ଆଖି ସାମ୍ନାକୁ ଆପେ ଆପେ ଆସି ଯାଉଛି । କିନ୍ତୁ କିଏ ହେବ ସ୍ୱାଭିମାନୀ ଆଇନ୍‌ଜୀବୀ ଓ ଏଥିପାଇଁ ସେଭଳି ଶ୍ରମସ୍ୱୀକାର କରି ନିଜ ପେଟ ଓ ପକେଟ୍‌ର ବିଚାରକୁ ଛାଡ଼ି ସମାଜ ପଛରେ ଧାଇଁବାର ବ୍ୟକ୍ତିତ୍ୱଟିଏ ଆମ ସମାଜରେ ଆମେ ପାଇ ପାରିବା କିଭଳି ପ୍ରଶ୍ନ ମନ ଭିତରେ ସୃଷ୍ଟି ହେଉଛି । ନୀତି ଓ ନୈତିକତାର କ୍ରମାଗତ ଉଲ୍ଲଙ୍ଘନ କରୁଥିବା ଯେକୌଣସି ମଣିଷକୁ ଆମ ବ୍ୟବସ୍ଥାର ମଙ୍ଗ ଧରିଥିବା ମଙ୍ଗୁଆଳମାନେ ଯେତେବେଳେ ସାମାଜିକ ସ୍ୱୀକୃତି ଦେଇ ସେହି ବ୍ୟକ୍ତିଟିକୁ ବ୍ୟବହାର କରିଥାନ୍ତି ସେତେବେଳେ ମଧୁବାବୁଙ୍କର ସ୍ୱାଧୀନଚେତା ବ୍ୟକ୍ତିତ୍ୱଟି ଆହୁରି ସ୍ମରଣୀୟ ହୋଇପଡୁଛି । ଯେତେବେଳେ ଆମ ଗଣତନ୍ତ୍ର ବ୍ୟବସ୍ଥାଟି ଜନମତ ପ୍ରତି ନିଷ୍ଠୁର ହୋଇପଡୁଛି ଓ ଭୋଟଦାତାଟି ନିଜକୁ ଅସହାୟ ମନେ କରି ଅର୍ଥସର୍ବସ୍ୱ ନିର୍ବାଚନୀ ରାଜନୀତିରେ ରାଜନୈତିକ ନେତାମାନଙ୍କ ହାତରେ ସଖି କଣ୍ଢେଇ ହୋଇପଡିଛି ସେତେବେଳେ ମଧୂଚେତନାକୁ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବାର ଆବଶ୍ୟକତା ପଡ଼ୁଛି। ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶଭାବେ ଗଠନ ହେବାର ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ଆମ ଆର୍ଥିକ ମାନସିକ ଦାରିଦ୍ର୍ୟ ଆମ ଆତ୍ମସମ୍ମାନରେ ଯେତେବେଳେ ଅର୍ଥ ସୃଷ୍ଟି କରୁଛି ସେତେବେଳେ ମଧୁବାବୁଙ୍କର ଜାତୀୟତାବାଦ୍ ପ୍ରତି ଓ ଓଡ଼ିଆ ସଂସ୍କୃତିର ପୃଷ୍ଠପୋଷକତା ଆମ୍ଭ ମାନଙ୍କୁ ଗୋଟିଏ ଦିଗବାରେଣୀ ଖୁଣ୍ଟ ଭାବେ ପ୍ରତୀୟମାନ ହେଉଛି ।

ରାଜ୍ୟର ବିଭିନ୍ନ ବାରଗୁଡ଼ିକର ନିର୍ବାଚନରେ ଯେତେବେଳେ ବ୍ୟାପକ ଅର୍ଥର ପ୍ରୟୋଗ ହିଁ ଆଇନ୍‌ଜୀବୀ ମାନଙ୍କର ନେତା ସୃଷ୍ଟି କରେ ସେତେବେଳେ ମଧୁବାବୁଙ୍କ ‘ବୌଦ୍ଧିକ ସଂସ୍କୃତିର ମୂଲ୍ୟ ଅର୍ଥ ଠାରୁ ଅଧିକ’ ଉକ୍ତିଟିର ଆବଶ୍ୟକତା ଉପଲବ୍ଧି ହୁଏ। ଆଜି ଯେତେବେଳେ ରାଜ୍ୟ ଓ ଦେଶକୁ ଭଲ ପାଉଥିବା ଦେଶପ୍ରେମୀମାନଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ଓ ଯୁବ ମାନସକୁ ନିଜ ଆଦର୍ଶ ଦ୍ୱାରା ଆଚ୍ଛାଦିତ କରି ରଖିବାର ବ୍ୟକ୍ତିତ୍ୱମାନଙ୍କ ଅଭାବ ପରିଲିକ୍ଷିତ ହେଉଛି ସେତେବେଳେ ମଧୁବାବୁଙ୍କ ଭଳି ବହୁମୁଖୀ ପ୍ରତିଭା ମାନଙ୍କ ସମ୍ପର୍କରେ ବିଚାର ବିମର୍ଶର ଆବଶ୍ୟକତା ଅନୁଭବ ହେଉଛି । କେବଳ ଆଇନ୍ ପେଷାକୁ ଅର୍ଥ ସର୍ବସ୍ୱ ପେଷା ଭାବେ ଗ୍ରହଣ ନ କରି ଆଇନଜୀବି ମାନଙ୍କ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧୀନତାକୁ ଗୁରୁତ୍ୱଦେବା ଲାଗି ନିଜ ଜୀବନାଦର୍ଶରେ ମଧୁବାବୁ ଯେଉଁ ରାସ୍ତା ଦେଖାଇ ଯାଇଛନ୍ତି ସେହି ରାସ୍ତା ଗୁଡ଼ିକ ଏବେ ନୂତନ ପିଢ଼ିର ଆଇନଜୀବି ମାନଙ୍କ ନିକଟରେ ପହଞ୍ଚେଇବାର ଯଥାର୍ଥତା ଅନୁଭବ ହେଉଛି ।

ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ସେ ବିଚାର ବିଭାଗରେ ମଧ ଭିନ୍ନ ଧରଣର ଛାପଟିଏ ଛାଡ଼ି ଦେଇ ଯାଇଛନ୍ତି । ଜଗନ୍ନାଥ ମନ୍ଦିର ପରିଚାଳନା ସମ୍ପର୍କୀୟ ମକଦ୍ଦମାଠାରୁ ଆରମ୍ଭ କରି ପାରଳାମହାରାଜା ଠାରୁ ପ୍ରଜାଙ୍କ ପାଇଁ ମକଦ୍ଦମା ପରିଚାଳନା କରି ସେ ନିଜ ସାହସିକତା ଓ ସ୍ୱାଧୀନଚେତା ମନୋଭାବର ପରିଚୟ ଦେଇଥିଲେ । ଆଜି ଯେତେବେଳେ ବିଚାରପତି ମାନଙ୍କ ନିକଟରେ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ମକଦ୍ଦମା ପରିଚାଳନା ପାଇଁ କୌଣସି ଆଇନଜୀବୀ ନିଜ ମହକିଲଟିର ପ୍ରତିନିଧିତ୍ୱ କରେ ସେତେବେଳେ ସେ ନିଜର ସ୍ୱାଧୀନଚେତା ବିବେକକୁ ପ୍ରଶ୍ନ କରିବାର ଆବଶ୍ୟକତା ରହିଛି ଯେ ସେ ମଧୁବାବୁଙ୍କ ପ୍ରକୃତ ଦାୟାଦ ଭାବେ ନିଜର ପରିଚୟ ସୃଷ୍ଟି କରିପାରିବ କି ନାହିଁ । ଜଣେ ଆଇନ୍‌ଜୀବୀ ଭାବେ ନିଜର ବୌଦ୍ଧିକତାକୁ ଖାଲି କୋର୍ଟ କଚେରୀ ମଧ୍ୟରେ ସୀମିତ ନ ରଖିବା, ବ୍ୟବସ୍ଥାପିକାରେ ନିଜର ପ୍ରତିନିଧିତ୍ୱକୁ ଜାହିର କରିବାଠାରୁ ଆରମ୍ଭ କରି ନିଜକୁ ଜଣେ ସଚେତନ ଓଡ଼ିଆ ଜାତିର ନେତୃତ୍ୱ ଭାବେ ମଧୁବାବୁଙ୍କ ଅବଦାନ ଆମ ସମସ୍ତଙ୍କୁ ମନେ ପକେଇ ଦେଇଛି ଯେ ଖାଲି ଆଇନ୍‌ଜୀବୀ ନୁହେଁ ନାଗରିକ ଭାବେ ମଧ ଆମ ସମସ୍ତଙ୍କ ସମାଜ ପାଇଁ ଓ ନୂତନ ପୀଢ଼ି ପାଇଁ ଗୁରୁ ଦାୟିତ୍ୱ ରହିଛି । ପଦପଦବୀ ସମ୍ପତ୍ତି କିମ୍ବା କୌଣସି ତୋଷାମଦ ତାଙ୍କୁ ସେଥିପାଇଁ ପ୍ରଭାବିତ କରିପାରି ନ ଥିଲା। ଆଜି ଆମ ରାଜ୍ୟରେ ଯେତେବେଳେ କୌଣସି ଗୋଟିଏ ଆଇନ୍‌ଜୀବୀ ସଂଘ ନିଜର ପେଷାଗତ ସୁରକ୍ଷା ପ୍ରସଙ୍ଗରେ ପ୍ରଶ୍ନ କରିବା ପାଇଁ ସାହସ ଜୁଟାଇବାକୁ ଅକ୍ଷମ ହେଉଛନ୍ତି ଓ ଆଇନ୍‌ଜୀବୀମାନଙ୍କ ସଂଘ ଗୁଡ଼ିକୁ ବହୁଧା ଭାବେ ବିଭକ୍ତ ହୋଇପଡ଼ିଛି, ସେତେବେଳେ ୧୯୦୩ ମସିହାରେ ମଧୁବାବୁଙ୍କ ପ୍ରଚେଷ୍ଟାରେ ଗଠନ କରାଯାଇଥିବା ଉତ୍କଳ ସମ୍ମିଳନୀର ଅତୁଳନୀୟ ଅବଦାନ ଆମକୁ ଆତ୍ମ ସମୀକ୍ଷା ପାଇଁ ଖୋରାକ ଯୋଗାଉଛି । ଉତ୍କଳ ସମ୍ମିଳନୀର ଆନ୍ଦୋଳନ ଓ ଆହ୍ୱାନରେ ନିଜକୁ ସାମିଲ୍ କରି ମଧ ଆଇନ୍‌ଗତ ଦିଗ ଗୁଡ଼ିକୁ ତର୍ଜମା କରି ଆଇନ୍ ରିପୋର୍ଟକୁ ମନେ ରଖିବାରେ ପ୍ରଚଣ୍ଡ ଦକ୍ଷତାର ଅଧିକାରୀ ଥିଲେ ମଧୁବାବୁ । ନିଜର ଜୁନିୟର ଆଇନ୍‌ଜୀବୀ ମାନଙ୍କୁ ଅଫିସ୍‌ର କେଉଁ ଥାକରେ କେଉଁ ଆଇନ୍ ପୁସ୍ତକ ରହିଛି ଓ ସେ ପୁସ୍ତକରେ କେଉଁ ପୃଷ୍ଠାରେ ସେହି ନ୍ୟାୟପାଳିକାର ରାୟ ପ୍ରକାଶ ପାଇଛି ସେ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ଦେବାରେ ତାଙ୍କର ଭୂମିକା ଅବର୍ଣ୍ଣନୀୟ। ଆଇନ୍ ପେଷାରେ ଯୋଗ ଦେଉଥିବା ନବାଗତମାନଙ୍କ ପାଇଁ ମଧୁବାବୁଙ୍କ ପେଷାଗତ ଜୀବନର ଅନେକ ଘଟଣାବଳୀ ମଧ୍ୟରୁ ଗୋଟିଏ ଘଟଣା ନିଶ୍ଚିତଭାବେ ଉଦ୍‌ବୁଦ୍ଧ କରିବାର ବିଷୟ। ମଧୁବାବୁଙ୍କ ନିକଟରେ ଜୁନିୟର ଭାବେ କାର୍ଯ୍ୟରତ କରୁଥିବା ଆଇନ୍‌ଜୀବୀ ଗୋପାଳ ଚନ୍ଦ୍ର ପ୍ରହରାଜ ଗୋଟିଏ ପୁସ୍ତକରେ ଲେଖିଛନ୍ତି ଯେ ସେ ଯେତେବେଳେ ମଧୁବାବୁଙ୍କ ସହିତ ବିଭିନ୍ନ କୋର୍ଟକୁ ପେଷାଗତ କାର୍ଯ୍ୟରେ ଯାଉଥିଲେ ସେତେବେଳେ ସେ ଗୋଟିଏ ଲଜ୍‌ରେ ଏକାଠି ରହୁଥିଲେ ଓ ଯେତେବେଳ ପର୍ଯ୍ୟନ୍ତ ତାଙ୍କ ଜୁନିୟର ମାନେ ଖାଇ ନ ଥିବେ ସେ ମଧ ଖାଦ୍ୟ ଗ୍ରହଣ କରୁ ନ ଥିଲେ । ଥରେ ଗୋଟିଏ ଘଟଣାରେ ଜଣେ ଜୁନିୟର ଆଇନ୍‌ଜୀବୀଙ୍କ ବାପା ମଧୁବାବୁଙ୍କ ଠାରୁ କିଛି ଅର୍ଥ ଆବଶ୍ୟକତା ହେତୁ ନେଇଥିଲେ ଓ ସେହି ଆଇନ୍‌ଜୀବି ଜଣଙ୍କ ସେହି ଅର୍ଥ ଫେରେଇବା ବେଳେ ମଧୁବାବୁ ତାଙ୍କୁ ଗୋଟେ ରସିଦ୍‌ରେ ସେହି ଅର୍ଥଟି ସେ ପାଇଛନ୍ତି ବୋଲି ଲେଖି ଜୁନିୟର ଓକିଲଙ୍କ ପକେଟ୍‌ରେ ସେହି ଟଙ୍କାତକ ରଖିଦେଲେ । ନୂଆ ପେଷାରେ ଯୋଗ ଦେଇଥିବାରୁ ଏହା ତାଙ୍କର ରୋଜଗାର ବୋଲି କହିଥିଲେ। ସେ ପେଷାରେ ଏତେ ନିମଗ୍ନ ରହୁଥିଲେ ଯେ ଏକଦା ଲିମିଟେସନ ସମ୍ପର୍କରେ ଗୋଟିଏ ମକଦ୍ଦମାରେ ନିଜ ମହକିଲଙ୍କ ପାଇଁ ରାୟ ଖୋଜି ଖୋଜି ଅନେକ ରାତିରେ ସେ ଶୋଇପଡ଼ିଥିଲେ। ହଠାତ୍ ପାହାନ୍ତା ପହର ନିଦରେ ସେ ଗୋଟିଏ ରାୟ ସ୍ୱପ୍ନ ଦେଖି ସକାଳୁ ଉଠି ଦେଖିଥିଲେ ସେ ଯେଉଁ ରାୟଟି ଖୋଜୁଥିଲେ ତାହା ସେ ପାଇଛନ୍ତି । ଏହି ଭଳି ଘଟଣା ତାଙ୍କ ପେଷାଗତ ପ୍ରତିବଦ୍ଧତା ଓ ନିଷ୍ଠାର ପରିଚାୟକ ।

ଆଇନ୍ ପେଷାରେ ସାଧୁତା ଆଚରଣ ସଂହିତାର ଆଲୋକ ବର୍ତ୍ତିକା ଥିଲେ ମଧୁବାବୁ । ତାଙ୍କ ପେଷାଗତ ନିଷ୍ଠାପରତା ଓ କୌଶଳ ଆଜି ମଧ ପ୍ରାସଙ୍ଗିକ । ସେ କୌଣସି ଧନୀ କିମ୍ବା ଗରିବ ମହକିଲଙ୍କ ମଧ୍ୟରେ ପାର୍ଥକ୍ୟ ଦେଖୁ ନ ଥିଲେ । ଯେ କୌଣସି ମହକିଲର ଥରେ ମକଦ୍ଦମା ଗ୍ରହଣ କଲେ ସେହି ମକଦ୍ଦମାକୁ ନିଜର ସମସ୍ତ ବୈଦ୍ଧିକ ସାମର୍ଥ୍ୟ ଲଗାଇ ଲଢୁଥିଲେ ମଧୁବାବୁ । ଆର୍ଥିକ ପ୍ରଲୋଭନ କିମ୍ବା ଅର୍ଥନୈତିକ ଚାପରେ ତାଙ୍କ ପେଷାଗତ ପରିଶ୍ରମର ଆଧାରରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେଉ ନ ଥିଲା । ମାଗଣାରେ ନେଇଥିବା ମକଦ୍ଦମାଟି ମଧ ମଧୁବାବୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଯେଉଁ ମକଦ୍ଦମାରେ ମହକିଲଙ୍କ ସେ ଅର୍ଥ ଗ୍ରହଣ କରୁଥିଲେ ଓ କୌଣସି କାରଣରୁ ମକଦ୍ଦମାର ତାରିଖରେ ହାଜର ହେଇ ପାରୁ ନ ଥିଲେ ସେ ସେହି ମକଦ୍ଦମା ଖର୍ଚ୍ଚଟି ଫେରାଇ ଦେଉଥିଲେ। ତାଙ୍କର ପେଷାଗତ କର୍ତ୍ତବ୍ୟନିଷ୍ଠା ସେ ଦୃଷ୍ଟିରୁ ଦୃଷ୍ଟାନ୍ତମୂଳକ। ଆଜି ଯେତେବେଳେ ଜୁନିୟର ଓକିଲ ମାନେ ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ଅଧ୍ୟୟନ କରି ପେଷାରେ ଯୋଗ ଦେଉଛନ୍ତି ସେତେବେଳେ ବରିଷ୍ଠ ଆଇନ୍‌ଜୀବୀ ମାନେ ସେମାନଙ୍କୁ ପେଷାଗତ ଦକ୍ଷତା ଓ ମୂଲ୍ୟବୋଧ ଦେବା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷା ଦିଗଟିକୁ ଧ୍ୟାନ ଦେଲେ ଏହି ଆଇନର ଶାସନ ବ୍ୟବସ୍ଥାକୁ ଦୃଢ଼ିଭୂତ କରିବା ସହିତ ନୂତନ ପିଢ଼ିଙ୍କୁ ଏହା ଆଗାମୀ ଦିଗର ଆଇନଗତ ଆହ୍ୱାନକୁ ସାମ୍ନା କରିବା ପାଇଁ ଶକ୍ତି ଯୋଗାଇବ।

ମଧୁବାବୁଙ୍କ ପାଖରେ ଯେଉଁମାନେ ଓକିଲାତି ପେଷା ଶିଖିବାକୁ ଆସୁଥିଲେ ସେମାନଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଏ ସମ୍ପର୍କରେ ତାଙ୍କର ଜଣେ ଜୁନିୟର ଚିନ୍ତାମଣି ଆଚାର୍ଯ୍ୟ ଲେଖିଛନ୍ତି ଯେ କୌଣସି ବିଷୟରେ ଗୋଟିଏ କରି ବସିଲେ ସେ ଭୀଷଣ ଗାଳି ଦେଉଥିଲେ ସତ ଆଉ ସେ ଅଜସ୍ର ଭର୍ତ୍ସନା ଶୁଣି ଆଉ କାଲି ଠାରୁ ଆସିବି ନାହିଁ ବୋଲି ପଣ ନେଉଥିବା ଜୁନିୟର ଆଇନ୍‌ଜୀବୀର ଘରେ ପର ଦିନ ସକାଳେ ମଧୁବାବୁ ପହଞ୍ଚୁଥିଲେ ଓ କହୁଥିଲେ କାଲି ତତେ ଗୁଡ଼ିଏ ଗାଳି ଦେଲି ତୋର ମନରେ ଭାରି କଷ୍ଟ ହୋଇଥିବ। ମୁଁ ଯାହାକୁ ବେଶି ସ୍ନେହ କରେ ତା’ର ସାମାନ୍ୟ ଦୋଷ ସହି ପାରେ ନାହିଁ । ଏତିକି କଥା ଏପରି ସ୍ନେହପୂର୍ଣ୍ଣ ଭାଷାରେ କହୁଥିଲେ ଯେ ସବୁ ଦୁଃଖ, ସବୁ ରାଗ ଓ ଅଭିମାନ ଉଭେଇ ଯାଉଥିଲା । ଏମିତିକା ମଣିଷ ଥିଲେ ମଧୁବାବୁ, ଏମିତିକା ଓକିଲ ଥିଲେ ମଧୁ ବାରିଷ୍ଟର। ସ୍ୱାଭିମାନୀ ଆଇନଜୀବୀ ମଧୁବାବୁଙ୍କ କୌଣସି ବିଚାରପତି କିଛି ଅପମାନ ସୂଚକ ମନ୍ତବ୍ୟ ଦେଲେ ସେ ତାଙ୍କର ସ୍ୱାଭାବିକ ପ୍ରତିକ୍ରିୟା ଦେଖାଉଥିଲେ । ଥରେ ହାଇକୋର୍ଟରେ ମଧୁବାବୁ ପ୍ରତିପକ୍ଷଙ୍କ ପାଇଁ ମକଦ୍ଦମା ପରିଚାଳନା ବେଳେ ବିଚାରପତି କହିଲେ ମିଷ୍ଟର ଦାସ୍ ଆପଣଙ୍କ ମହକିଲ ଗୋଟିଏ ବୋକା ତା’ର ଏ ମକଦ୍ଦମା କରିବା ଉଚିତ୍ ହୋଇ ନାହିଁ। ମଧୁବାବୁଙ୍କ ଉତ୍ତର ଥିଲା ହଜୁର ଏକା ମୋ ମହକିଲ ବୋକା ନୁହେଁ । କଲେକ୍ଟର ବୋକା, କମିସନର ବୋକା, ସବ୍ ଜଜ୍ ବୋକା ଓ ଜିଲ୍ଲା ଜଜ୍ ବୋକା । ଓଡ଼ିଆ ରାଜ୍ୟଟା ବୋକାଙ୍କ ପାଇଁ ସ୍ୱର୍ଗ ଏଠି ଯେ ଆସନ୍ତି ସେ ବୋକା ହୋଇଯାଆନ୍ତି । ମଧୁବାବୁଙ୍କ କୋର୍ଟ କଚେରୀରେ ସ୍ପଷ୍ଟବାଦୀତାର ସ୍ୱର ଆଜିକାଲି ନ୍ୟାୟିକ ବ୍ୟବସ୍ଥାରେ ହ୍ରାସ ପାଉଛି । ମକଦ୍ଦମା ଜବାବ ସୁଆଲ କରିବାରେ ଅନ୍ୟ ଓକିଲଙ୍କ ଠାରୁ ତାଙ୍କ ପ୍ରଣାଳୀ ସଂପୂର୍ଣ୍ଣ ଭିନ୍ନ ଥିଲା । ତାଙ୍କର ସହକର୍ମୀମାନେ ଯେତେ ନୋଟ୍ ଲେଖିଦିଅନ୍ତୁ ଯେତେ ଆଇନ୍‌ର ନଜିର ସଂଗ୍ରହ କରିଦିଅନ୍ତୁ ସେ ନିଜେ ତନ୍ନ ତନ୍ନ ନ କରି ନ ଦେଖିଲେ ମକଦ୍ଦମାର ଜବାବ ସୁଆଲ କରୁ ନ ଥିଲେ। ଜଣେ ମୌଳିକ ଚିନ୍ତାଶୀଳ ଓକିଲ ଭାବେ ଅଦାଲତରେ କୌଣସି ନଜିର ନ ଥିଲେ ମଧ ନିଜେ ମକଦ୍ଦମାରେ ନଜିର କିଭଳି ତିଆରି ହେବ ସେ ଦିଗରେ ଯତ୍ନବାନ ଥିଲେ । ନିଜର ବ୍ୟକ୍ତିଗତ ଜୀବନକୁ ଜଳାଞ୍ଜଳୀ ଦେଇ ଜାତୀୟ ଜୀବନର ପ୍ରାଣ ପ୍ରତିଷ୍ଠାତା ମଧୁବାବୁଙ୍କ ସ୍ୱାଭିମାନ ସ୍ୱାଧୀନତା ଓ ମର୍ଯ୍ୟାଦା ଆଇନଜୀବୀଙ୍କୁ କେତାକାଂଶରେ ପ୍ରଭାବିତ କରିଛି ତାହା ୧୭୬ ତମ ଜନ୍ମ ଜୟନ୍ତୀରେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା’ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଉପଲକ୍ଷେ

# ଆଜି ଆଉ ଜଣେ ମଧୁବାବୁ ଲୋଡ଼ା !



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ଜଗତସିଂହପୁର,
ମୋ – ୯୯୩୭୧୫୧୦୫୨

ମାନବ ଜାତି ପାଇଁ ଯେତେବେଳେ ଘଡିସନ୍ଧି ମୁହୂର୍ତ୍ତ ଆସେ, ଯେତେବେଳେ ଜାତିର ଅଧୋଃପତନ ଘଟେ, ସେତେବେଳେ ଅବକ୍ଷୟମୁଖୀ ଜାତିର ଗୌରବମୟ ଐତିହ୍ୟ ତଥା ମୁଲ୍ୟବୋଧକୁ ଜାତି ପ୍ରାଣରେ ଉଜ୍ଜିବୀତ କରିବା ପାଇଁ କେହି ନା କେହି ଅତିମାନବ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି । ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ରହି ଯେତେବେଳେ ଓଡ଼ିଆ ଜାତି ତାର ଆତ୍ମପରିଚୟ ଖୋଜୁଥିଲା, ଭାଷାବିଲୋପ ଆନ୍ଦୋଳନର ପ୍ରଭାବରେ ଓଡ଼ିଆ ଭାଷା ଯେତେବେଳେ ତାର ଅସ୍ତିତ୍ୱ ହରାଇ ବସିଲା, ଇତିହାସର ସେହି ସନ୍ଧିକ୍ଷଣରେ ଧରାବତରଣ କରିଥିଲେ ସେ । ଜାତି ପ୍ରାଣରେ ଭରିଥିଲେ ସ୍ୱାଭିମାନର ମନ୍ତ୍ର। ମାତୃଭୂମି ଓ ମାତୃଭାଷା ପ୍ରତି ସୃଷ୍ଟି କରିଥିଲେ ଜାତୀୟତାଭାବ । ସେ ହେଉଛନ୍ତି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ଜାତି ପ୍ରାଣ, ସ୍ୱାଭିମାନର ମନ୍ତ୍ରଦାତା, କୁଳବୃଦ୍ଧ, ଉତ୍କଳ ଗୌରବ ମଧୁସୂଦନ ଦାସ । ସବୁରି ପ୍ରିୟ ମଧୁବାରିଷ୍ଟର-ମଧୁବାବୁ । ଉତ୍କଳ ଜନନୀର ଏହି ସୁଯୋଗ୍ୟ ସନ୍ତାନଙ୍କ ଜନ୍ମ ହୋଇଥିଲା କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓ ଦେହାବସାନ ଘଟିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ । ସତ୍ୟଭାମାପୁରରୁ - ମଧୁକୋଠରୀ ଓ ମଧୁକୋଠରୀରୁ - ଗୋରାକବର ପର୍ଯ୍ୟନ୍ତ ଦୀର୍ଘ ୮୬ ବର୍ଷ ଘଟଣାବହୁଳ ଜୀବନର ପରିସମାପ୍ତି ଘଟିଲା। ହେଲେ ଶତାବ୍ଦୀର ସୂର୍ଯ୍ୟଙ୍କ ସାମଗ୍ରିକ ଅବଦାନକୁ ଓଡିଶାବାସୀ ସବୁଦିନେ ମନେ ରଖିବେ ଏଥିରେ ସନ୍ଦେହର ଅବକାଶ ନାହିଁ ମଧୁବାବୁ ଥିଲେ କ୍ରାନ୍ତି ଦ୍ରଷ୍ଟା ଓ ସ୍ରଷ୍ଟା । ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା। ଆଜି ଏକ ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ କଥା ଚିନ୍ତା କଲାବେଳେ ତାଙ୍କ ନାମ ସ୍ୱତଃ ମନକୁ ଆସେ । ସେତେବେଳେ ଓଡ଼ିଶା ଥିଲା ଏକ ଭୌଗୋଳିକ ନାମ ମାତ୍ର । ଖଣ୍ଡବିଖଣ୍ଡିତ ଓଡ଼ିଶା ଓ ଲୁପ୍ତପ୍ରାୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର ସ୍ୱର ପ୍ରଥମେ ସେ ହିଁ ଉତ୍ତୋଳନ କରିଥିଲେ। ଏହାର ପରିଣତି ହେଲା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ କଟକର ଇଦ୍‌ଗା ପଡିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ମଞ୍ଚରେ ରାଜା-ମହାରାଜା, ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ସାଧାରଣ ଜନତାଙ୍କୁ ସାମିଲ କରାଇ ଜାତୀୟତା ମନ୍ତ୍ରରେ ସେମାନଙ୍କୁ ପ୍ରଭାବିତ କରାଇଥିଲେ । ଏହି ସମ୍ମିଳନୀର ନିରବଛିନ୍ନ ପ୍ରୟାସର ଫଳସ୍ୱରୂପ ସମଗ୍ର ଭାରତବର୍ଷରେ ଓଡ଼ିଶା ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ହେବାର ମାନ୍ୟତା ପାଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ । କିନ୍ତୁ ନିଜର ସ୍ୱପ୍ନର ଭୂଇଁକୁ ଦେଖିବାକୁ ସେ ନଥିଲେ । ସେ ବାହୁଡି ଗଲେ ତାର ଦୁଇବର୍ଷ ପୂର୍ବରୁ । ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ତାଙ୍କ ଐକାନ୍ତିକ ତ୍ୟାଗ, ସଂଗ୍ରାମ ଓ ସଙ୍କଳ୍ପର ଫଳ। ମଧୁବାବୁଙ୍କ କର୍ମମୟ ଜୀବନ ଥିଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ନିଜ ଜୀବନକାଳରେ ତାଙ୍କ ଏକମାତ୍ର ଧ୍ୟେୟ ଥିଲା ଏକ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ନିର୍ମାଣ । ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ଅଜାଡ଼ି ଦେଇଥିଲେ ସେ ନିଜ ଜୀବନର ସବୁକିଛି ସାମର୍ଥ୍ୟ, ସୌକୁମାର୍ଯ୍ୟ । ଅଜସ୍ର ଅର୍ଥ ଉପାର୍ଜନ କରି ସୁଖରେ କାଳାତିପାତ ନକରି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସବୁକୁ ଅକାତର ଭାବେ ଦାନ କରିଦେଇଥିଲେ । ସେ ଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ । ସେ ହେଉଛନ୍ତି ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ । ଖାଲି ସେତିକି ନୁହେଁ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ସେ ଅଦ୍ୟାବଧି ପ୍ରଥମ ଓଡ଼ିଆ । କହିବା ବାହୁଲ୍ୟ ଯେ ମଧୁସୂଦନଙ୍କ ପୂର୍ବରୁ ମାତ୍ର ଦୁଇଜଣ ଭାରତୀୟ ଯଥା ଦାଦାଭାଇ ନାରୋଜି ଓ ସୁରେନ୍ଦ୍ରନାଥ ବାନାର୍ଜୀ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ । ସେ ସର୍ବଦା କହୁଥିଲେ – ମୋ ଜାତି ଅନୁନ୍ନତ ହେଲେ ବି ଅନ୍ୟ ଜାତିର କୌଣସି ପ୍ରଥମ ଗ୍ରାଜୁଏଟ୍ ମୋ ପରି ଏତେ କାମ କରିନାହାନ୍ତି ଯଦି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଏସବୁ କରିପାରିଲା, ତାହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତି ରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାୟିତ୍ୱ ହୃଦୟଙ୍ଗମ କରନ୍ତି ତାହେଲେ ସେମାନେ ଏଦିଗରେ ବହୁତ କାର୍ଯ୍ୟ କରିପାରିବେ। ମଧୁ ବାରିଷ୍ଟର – ଏକ ମଧୁର ଉଚ୍ଚାରଣ । ପାଠପଢାରୁ ଓକିଲାତି । ସବୁଥିଲେ ତାଙ୍କର ଅନନ୍ୟ ପରିଚୟ । ଓକିଲାତି ତାଙ୍କ ଜୀବନ ଥିଲା । ସେ ସମୟରେ କଟକରେ ପ୍ରାୟ ସବୁ ଓକିଲ ବଙ୍ଗାଳୀ । ମାତ୍ର ସ୍ୱଳ୍ପସମୟ ଭିତରେ ମଧୁବାବୁ ନିଜର ଦକ୍ଷତା ଓ ବାଗ୍ମିତା ବଳରେ ସବୁ ବଙ୍ଗାଳୀ ଓକିଲଙ୍କ ସହ ପ୍ରତିଯୋଗିତା କରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି, ପାଣ୍ଡିତ୍ୟ ଓ ବାଗ୍ମିତା ବିଚାରପତିମାନଙ୍କୁ ମୁଗ୍ଧ କରିଦେଉଥିଲା । ୧୮୮୬ ମସିହାରେ ପୁରୀ ମନ୍ଦିର ମୋକଦ୍ଦମା ତାଙ୍କ ଓକିଲାତି ଜୀବନର ଏକ ମାଇଲଖୁଣ୍ଟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଇଷ୍ଟଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅଦାଲତରେ ଲଢେଇ କରି ଓଡ଼ିଆ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ ରକ୍ଷା କରିବାରେ ସଫଳ ହୋଇଥିଲେ ସେ । ଏହି ମୋକଦ୍ଦମା ଛଡା ଅନ୍ୟ ବଡ ବଡ ମୋକଦ୍ଦମାରେ ସେ ବିଜୟୀ ହେବାର ଅନେକ ନଜିର ଅଛି । ଖାଲି ସେତିକି ନୁହେଁ ତାଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ଭାରତରେ ମହିଳାମାନେ କୋର୍ଟରେ ଓକିଲାତି କରିବାର ସୁଯୋଗ ପାଇଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ବିଚକ୍ଷଣତା ଓ ସର୍ବୋପରି ହାସ୍ୟରସ ଉଦ୍ରେକ କରିବାର ଶକ୍ତି ତାଙ୍କୁ ଓକିଲାତି ବ୍ୟବସାୟରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଥିଲା । ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି କୁହାଯାଏ । ଓଡ଼ିଶାରେ ବ୍ୟାପକ ଶିକ୍ଷାୟନ ଉପରେ ଗୁରୁତ୍ୱ ଦେଇଥିଲେ ମଧୁବାବୁ । ସେ ଥିଲେ ଓଡ଼ିଶାର ପ୍ରଥମ ଶିଳ୍ପୋଦ୍ୟୋଗୀ । ତାଙ୍କ ପ୍ରତିଷ୍ଠିତ ‘ଉତ୍କଳ ଟ୍ୟାନେରୀ’ର ଜୋତା ସେତେବେଳେ ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧରେ ଆମଦାନୀ କରି ବ୍ୟବହାର କରିଥିଲେ ଜର୍ମାନ ସୈନିକଗଣ । ଯେଉଁଥିପାଇଁ ମଧୁବାବୁଙ୍କ ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧି କହିଥିଲେ – “ମଧୁବାବୁଙ୍କୁ ଭେଟିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଥିଲେ ଜଣେ ମହାନ୍ ଦେଶପ୍ରେମୀ”। ଦେଶର ଯୁବଶକ୍ତିକୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଶିକ୍ଷାଦେବା ପାଇଁ ସେ ଯତ୍ନବାନ ଥିଲେ । କୌଣସି ପରିସ୍ଥିତିରେ ସେ ନିଜର ସ୍ୱାଭିମାନ ଜଳାଞ୍ଜଳି ଦେଇନଥିଲେ । ଯେଉଁଥିପାଇଁ ଅନ୍ତର୍ଜାତିକ ମାନ୍ୟତା ହାସଲ କରିଥିବା ଉତ୍କଳ ଟ୍ୟାନେରୀ ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ । ପରେ ସେ ଦେବାଳିଆ ବୋଲି ଘୋଷଣା କରାଯାଇଥିଲା । ତଥାପି ସେ ନିଜର ସ୍ୱାଭିମାନ ଛାଡିନଥିଲେ । ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ପରିଣତ ବୟସରେ ବି ସେ କଚେରୀକୁ ଯାଇ ଓକିଲାତି କରିଥିଲେ । କେବଳ ସେତିକୁ ନୁହେଁ ସମଗ୍ର ଓଡ଼ିଆ ଜାତିକୁ ସ୍ୱାବଲମ୍ବୀ କରିବା ପାଇଁ ସେ ଆରମ୍ଭ କରିଥିଲେ ସୁନାରୂପାର ତାରକସି ଶିଳ୍ପ ଓ ବୟନଶିଳ୍ପ । ଆଜି ଓଡ଼ିଶାର ତାରକସି ଶିଳ୍ପ, ସମ୍ବଲପୁରୀ ଶାଢି, ବ୍ରହ୍ମପୁରୀ ପାଟ, ଓଡ଼ିଆ ଶିଳ୍ପୀଙ୍କ ଯେଉଁ ଅପୂର୍ବ ଶିଙ୍ଗ କାମ ଭାରତ ଓ ଭାରତ ବାହାରେ ଯେଉଁ ଟେକ ରଖିପାରିଛି, ତାପଛରେ ରହିଛି ମଧୁବାବୁଙ୍କ ସ୍ୱଦେଶୀ ସ୍ୱପ୍ନ ଓ ତାର ରୂପାୟନ । ମଧୁସୂଦନ ଜାତୀୟ ଜୀବନ ଉପରେ ଗୁରୁତ୍ୱ ଦେଉଥିଲେ। ଜାତିର ଟେକ ରଖିବାକୁ ସେ ସବୁବେଳେ କହୁଥିଲେ । ଓଡ଼ିଶାରେ ଜନ୍ମ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିଲେ । ୧୯୧୨ ମସିହା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସେ କହିଥିଲେ – “ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳମାତା କୋଳରେ ମୋର ଅସ୍ଥି, ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋ ପୂର୍ବପୁରୁଷ । ତାଙ୍କ କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ” । ଉତ୍କଳ ତଥା ଦେଶର ଗୌରବ ବୃଦ୍ଧି ପାଇଁ ପ୍ରତ୍ୟେକ ପାଞ୍ଚ ମିନିଟ୍ ସମୟ ଦେବାକୁ ଆକୁଳ ନିବେଦନ କରି କହିଥିଲେ – ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚିନ୍ତାକର । ଏଭଳି ଚିନ୍ତା-ଚେତନାର ନେତା ଆଜିର ଦୁନିଆରେ ବିରଳ। ଖାଲି ସେତିକି ନୁହେଁ ସେ ଥିଲେ ଜଣେ ଜାତୀୟତାବାଦୀ କବି । ତାଙ୍କ କବିତାରେ ଜାତୀୟତା ଭାବ ଓ ତତ୍କାଳୀନ ଦେଶର ଅବସ୍ଥା ବେଶ୍ ପ୍ରତିଫଳିତ ହୋଇଥିଲା। ସେଥିପାଇଁ ସେ କହୁଥିଲେ ଅତୀତର ଉଦ୍‌ବୋଧନ ମଣିଷ ଇତିହାସରୁ ପାଏ । ଇତିହାସ ଅତୀତ ମଣିଷ ଓ ଜାତିର ସ୍ମାରକୀଲିପି। ଓଡ଼ିଆ ଜାତିର ଏହି ମୁକୁଟ ବିହୀନ ସମ୍ରାଟ ଆଜି ଆମ ଗହଣରେ ନାହାଁନ୍ତି । ତାଙ୍କ ୧୭୬ତମ ଜୟନ୍ତୀ ପାଳନ ଅବସରରେ ଅନେକ କଥା ମନେପଡୁଛି । ଓଡ଼ିଶା ପାଇଁ, ଓଡ଼ିଆ ଜାତି ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଆଜି ନେତା ଅଛନ୍ତି, ହେଲେ ସେଭଳି ନେତୃତ୍ୱ ନାହିଁ । ଓଡ଼ିଆ ଜାତିକୁ ମୁହ୍ୟମାନ ନିଦ୍ରାରୁ ଉଠାଇବା ପାଇଁ, ଆଜି ଆଉଜଣେ ମଧୁବାବୁ ଲୋଡା ।

# ମଧୁ ବାବୁ



ବିଶ୍ୱବିଜୟୀ ଦାଶ
ସମ୍ପାଦକ
ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ- ୬୩୭୦୨୦୮୪୨୮

ଉତ୍ଥାନ,ପତନ ଗୋଟିଏ ଜାତିର ଇତିହାସରେ କିଛି ନୂଆ କଥା ନୁହେଁ। ଇଂରେଜ ଶାସନ ଅମଳରେ ନିର୍ଯାତିତ ଓଡ଼ିଆ ଜାତି ମୁମୂର୍ଷ ଅବସ୍ଥାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମରତ ଥିବାବେଳେ କେତେଜଣ ଯୋଗଜନ୍ମା ବ୍ୟକ୍ତିବିଶେଷଙ୍କ ଆବିର୍ଭାବ ଜାତୀୟ ଜୀବନରେ ଆଶାର ସଂଚାର କରିଥିଲା । ଉତ୍କଳୀୟ ସଂସ୍କୃତିର ସୁରକ୍ଷା ତଥା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଯେଉଁ ଯୋଗଜନ୍ମା ନିଜର ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ,ସେମାନଙ୍କ ମଧ୍ୟରୁ ଦେଶପ୍ରାଣ ଉତ୍କଳଗୌରବ ମଧୁସୂଦନ ଦାସ ଅନ୍ୟତମ। ଆମ ଓଡ଼ିଶାର ପ୍ରଥମ ଓଡ଼ିଆ ବି.ଏ, ପ୍ରଥମ ଓଡ଼ିଆ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ସ୍ୱାଧିନତା ସଂଗ୍ରାମୀ, ଯିଏକି ଓଡ଼ିଶାକୁ ନିଜର ପ୍ରାଣ ଦେଇ ଭଲ ପାଉଥିଲେ ଓ କାମ କରୁଥିଲେ ତଥା ଓଡ଼ିଆ ଜାତିର ଚିର ନମସ୍ୟ, ପ୍ରାତଃ ସ୍ମରଣୀୟ, ଚିର ବରଣୀୟ କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ।

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ। ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ। ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ (ଆଜି ଏହାକୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି) । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ। ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା । ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ। ସେଠାରେ ମଧୁବାବୁ ଏମ୍.ଏ. ପାସ୍ କରିଥିଲେ। ତା’ପରେ ମଧୁବାବୁ କଲିକତା ବିଶ୍ୱବିଦ୍ୟାଳୟ ବି.ଏଲ୍. ପାସ କରି ସାରିଥିଲେ। ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ସେଠାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପଥରେ ମଧୁବାବୁ ଲାଗିପଡ଼ିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ। ବିଚ୍‌କ୍ଷଣ ବୁଦ୍ଧି ବଳରେ ସେ ଓକିଲାତିରେ ବିଶେଷ ପାରଦର୍ଶିତା ଅର୍ଜନ କରିପାରିଥିଲେ ଓ ମଧୁବାରିଷ୍ଟର ଭାବେ ପରିଚିତ ହୋଇଥିଲେ। ତାଙ୍କର ଓକିଲାତି ଜୀବନକାଳରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା । ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ଓଡ଼ିଶାରେ ଚମଡ଼ାଶିଳ୍ପର ବିକାଶ ନିମନ୍ତେ ଉତ୍କଳ ଟ୍ୟାନେରି ଏବଂ ଓ କଟକର ସୁନା-ରୂପାର ତାରକସି କାମ ପାଇଁ ସେ ଉତ୍କଳ ଆର୍ଟ ୱାର୍କସର ପ୍ରତିଷ୍ଠା କରିଥିଲେ।

ଉନ୍ନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଏକ ବିପର୍ଯ୍ୟନ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡ଼ିଶା। ଉତ୍କଳ ଜନନୀର ପୂର୍ଣ୍ଣାଙ୍ଗ ରୂପ ପ୍ରତିଷ୍ଠା ପାଇଁ ଜାତୀୟ ଆନ୍ଦୋଳନର ପ୍ରାଣପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଦୁର୍ବାର ଅଭିଯାନ। ଉତ୍କଳୀୟ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗଢ଼ିଥିଲେ ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ। ଜାତୀୟତାର ମହାପ୍ରବାହ ସୃଷ୍ଟି କରିବାର ଆକାଂକ୍ଷା ନେଇ ଲେଖିଥିଲେ ପ୍ରାଣ ନିଗିଡ଼ା କବିତା ।ଜାତୀୟ ବିକାଶ, ଜାତୀୟ ସମସ୍ୟା, ଜାତୀୟ ଚରିତ୍ର, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ସଂକଳ୍ପ ନେଇ ସମ୍ମିଳନୀ ମଣ୍ଡପରୁ ଗାଇଥିଲେ ‘ଏଇ ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶେଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ’।

ଗଭୀର ଜାତୀୟତାବୋଧର ଉଦବେଳନ ନେଇ ଭାବିଲେ ମନେହୁଏ ଏହା କେବେବି ଜଣେ ସାଧାରଣ କବିର ଆହ୍ୱାନ ନୁହେଁ, ବରଂ ଜଣେ ମହାମାନ୍ତ୍ରିକ ସଞ୍ଜିବନୀ ମନ୍ତ୍ର, ଯେଉଁ ମନ୍ତ୍ରର ଯାଦୁକରୀ ମାୟାରେ ଦିନେ ଚେଇଁ ଉଠିଥିଲା ସମଗ୍ର ଓଡ଼ିଆ ଜାତି।

ତାଙ୍କରି ଲେଖନୀ ନିସୃତ କବିତା ଏବେ ବି ଓଡ଼ିଆଙ୍କ କାନରେ ଠାଇ ଠାଇ ହୋଇ ବାଜେ-

**‘ଉଠରେ ଉଠରେ ଉତ୍କଳ ସନ୍ତାନ**
**ଉଠିବୁ ଆଉ ତୁ କେତେ ଦିନେ**
**ପୂରୁବ ଗୌରବ ପୂରୁବ ମହିମା**
**ପଡ଼ିବ ଆଉ ତୋ କେବେ ମନେ ?’**

ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି । ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, ‘ଉତ୍କଳ ସନ୍ତାନ’, ‘ଜାତି ଇତିହାସ’, ‘ଜ୍ଞାନୀର ଉକ୍ତି’, ‘ଜାତୀୟ ଗୀତିକା’ । ସେ ମଧ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ । ଏହି ମହାପୁରୁଷ, ଓଡ଼ିଆ ମାଟିର ସ୍ୱାଭିମାନ କୂଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୩୪ ମସିହା ଫେବୃଆରୀ ୪ ତାରିଖ ରେ ଓଡ଼ିଶାବାସୀଙ୍କୁ ଶୋକସାଗରରେ ଭସାଇ ଚାଲିଗଲେ। ଆଜି ତାଙ୍କର ଜୟନ୍ତୀ ଅବସରରେ ମୋର ଭୂମିଷ୍ଠ ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୮ ଅପ୍ରେଲ ୨୦୨୪ ରବିବାର





# କେନ୍ଦୁଝର ଜିଲ୍ଲାରେ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାର ସମ୍ଭାବନା ଅଧିକ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ଥିବାରୁ ଚଳିତ ବିଧାନସଭା ଓ ଲୋକସଭା ନିର୍ବାଚନରେ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଆକଳନ କରାଯାଇଛି । ପ୍ରାପ୍ତସୂଚନାରୁ ଜଣାପଡିଛି ଯେ କେନ୍ଦୁଝର ଜିଲ୍ଲାରେ ୬ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ପାଇଁ ଆସନ୍ତା ମେ ମାସରେ ଭୋଟଗ୍ରହଣ ହେବ ଏବଂ ବହୁ ବାଦ ବିବାଦ ଓ ଟଣାଓଟରା ପରେ କଂଗ୍ରେସ, ବିଜେପି, ବିଜେଡି ତିନିଟି ଯାକ ଦଳ ପ୍ରାର୍ଥୀ ଚୁଡାନ୍ତ କରିଛନ୍ତି, ହେଲେ ଚଳିତ ନିର୍ବାଚନରେ ମହିଳା ଭୋଟର ଅଧିକ ଥିବା ଦୃଷ୍ଟିରୁ ମହିଳା ଭୋଟରଙ୍କ ନିର୍ଣ୍ଣାୟକ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କୌଣସି ଦଳ ମହିଳା ପାର୍ଥିତ୍ୱକୁ ଗୁରୁତ୍ୱ ଦେଇନଥିବାର ଅଦ୍ୟାବଧି ଘୋଷିତ ପାର୍ଥୀ ତାଲିକାରୁ ସ୍ପଷ୍ଟ ହୋଇଛି । କେନ୍ଦୁଝର ଜିଲ୍ଲାର ସମସ୍ତ ୬ଟି ନିର୍ବାଚନ ମଣ୍ଡଳୀ ଓ ଲୋକସଭା ଆସନ ପାଇଁ କଂଗ୍ରେସ, ବିଜେପି ଓ ବିଜେଡି ପାର୍ଥୀ ମନୋନୀତ କରିଥିଲେ ହେଁ ମହିଳା ପାର୍ଥିତ୍ୱ ଉପରେ ସେଭଳି ଗୁରୁତ୍ୱ ଦେଇନଥିବାର ଆଲୋଚିତ ହେଉଛି । କେନ୍ଦୁଝର ଜିଲ୍ଲାର ସମସ୍ତ ୬ ଟି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପାଞ୍ଚଟି ଆସନରେ ପୁରୁଷ ପାର୍ଥୀ ଦେଇଥିବା ବେଳେ କେବଳ କେନ୍ଦୁଝର ଆସନରେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ବିଜେଡି ମଧ କେନ୍ଦୁଝର ଆସନରେ ଜଣେ ମାତ୍ର ମହିଳା ପ୍ରାର୍ଥୀ ଦେଇଥିବାବେଳେ ଅନ୍ୟ ୫ଟି ଆସନରେ ପୁରୁଷଙ୍କୁ ପ୍ରାର୍ଥୀ କରିଛି । ବିଜେପି ଦଳ ପକ୍ଷରୁ ମଧ ଅଦ୍ୟବଧି ଘୋଷିତ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିନଥିବାବେଳେ ପ୍ରାର୍ଥୀ ଦେଇନଥିବା ଆସନରେ ମହିଳା ପ୍ରାର୍ଥୀଙ୍କୁ ଦେବା ପାଇଁ ମହିଳା ଭୋଟର ମାନେ ଆଶା ରଖିଛନ୍ତି । ସେହିଭଳି କେନ୍ଦୁଝର ଜିଲ୍ଲାର ଏକମାତ୍ର ଲୋକସଭା ଆସନରେ ମଧ କୌଣସି ଦଳ ମହିଳାଙ୍କୁ ପ୍ରାର୍ଥୀ କରିନଥିବାର ଜଣାପଡିଛି । ଲୋକସଭା ଆସନ ପାଇଁ ବିଜେପି ଅନନ୍ତ ନାଏକଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ଇଂ ବିନୋଦ ବିହାରି ନାଏକଙ୍କୁ ଓ ବିଜେଡି ଧନୁର୍ଜୟ ସିଧୁଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ କେନ୍ଦୁଝର ଆସନ ପାଇଁ ପ୍ରତିଭା ମଞ୍ଜରୀ ନାଏକଙ୍କୁ, ଆନନ୍ଦପୁର ଆସନ ପାଇଁ ଜୟଦେବ ଜେନା, ତେଲକୋଇ ଆସନରେ ନିର୍ମଳ ଚନ୍ଦ୍ର ନାୟକ, ଘସିପୁରା ଆସନରେ ସୁବ୍ରତ ଚକ୍ର, ପାଟନା ଆସନରେ ହୃଷିକେଶ ନାଏକଙ୍କୁ ଓ ଚମ୍ପୁଆ ଆସନରେ ଯଶବନ୍ତ ଲାଗୁରୀଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ବିଜେପି ପକ୍ଷରୁ ପାଟଣାରେ ଅଖିଳ ଚନ୍ଦ୍ର ନାଏକ, ଆନନ୍ଦପୁରରୁ ଆଲୋକ କୁମାର ସେଠୀ ଓ କେନ୍ଦୁଝରରୁ ମୋହନ ଚରଣ ମାଝୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ଅନ୍ୟ ତିନୋଟି ଆସନ- ପ୍ରାର୍ଥୀ ତାଲିକା ପ୍ରସ୍ତୁତି ଚାଲିଛି । ଶାସକ ଦଳ ବିଜେଡି ପକ୍ଷରୁ କେନ୍ଦୁଝର ଆସନରେ ମିନା ମାଝୀଙ୍କୁ, ଘସିପୁରାରୁ ବଦ୍ରୀ ପାତ୍ର, ପାଟଣାରୁ ଜଗନ୍ନାଥ ନାଏକ, ତେଲକୋଇରୁ ମାଧବ ସରଧାର, ଚମ୍ପୁଆରୁ ସନାତନ ମହାକୁଡ଼, ଆନନ୍ଦପୁରରୁ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ ଦେଇଛି । ଚଳିତ ନିର୍ବାଚନରେ ଜିଲ୍ଲାରେ ୬ ଲକ୍ଷ ୮୮ ହଜାର ୬୦ ଜଣ ମହିଳା ଭୋଟର ରହିଥିବା ବେଳେ ୬ ଲକ୍ଷ ୮୩ ହଜାର ୫୧୫ ଜଣ ପୁରୁଷ ଭୋଟର ରହିଛନ୍ତି । ତନ୍ମଧ୍ୟରୁ କେନ୍ଦୁଝର ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୧୩ ହଜାର ୪୨୮ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୫ ହଜାର ୯୩୫ ଜଣ ମହିଳା ଭୋଟର ଥିବାବେଳେ ପାଟଣା ନିର୍ବାଚନ ମଣ୍ଡଳୀର ୧ ଲକ୍ଷ ୫ ହଜାର ୫୦୮ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୬ ହଜାର ୨୨୮ ମହିଳା ଭୋଟର, ତେଲକୋଇ ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୧୭ ହଜାର ୯୩୨ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୨୦ ହଜାର ୪୮୬ ଜଣ ମହିଳା ଭୋଟର, ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୧୪ ହଜାର ୫୧୩ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୫ ହଜାର ୯୧୨ ଜଣ ମହିଳା ଭୋଟର, ଉକ୍ତ ନିର୍ବାଚନ ମଣ୍ଡଳୀ ମାନଙ୍କରେ ମହିଳା ଭୋଟର ଅଧିକା ଥିବାରୁ ଚଳିତ ବର୍ଷର ନିର୍ବାଚନ ମହିଳା ଭୋଟରଙ୍କ ନିର୍ଣ୍ଣାୟକ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି ।

# ଶତ ପ୍ରତିଶତ ଭୋଟ୍‌ଦାନ କରି ଗଣତାନ୍ତ୍ରିକ ଅଧିକାରକୁ ସୁନିଶ୍ଚିତ କରିବାକୁ ଆହ୍ୱାନ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କୁହାଯାଏ ବୁଲେଟ୍ ଠାରୁ ବାଲଟ୍ ଅଧିକ ଶକ୍ତିଶାଳୀ । ତେଣୁ, ଭାରତୀୟ ଗଣତନ୍ତ୍ରର ଏକ ସୁସ୍ଥ ଓ ସମୃଦ୍ଧ ପରମ୍ପରା ଗଠନ ସହ ନିର୍ବାଚନର ଏହି ମହାପର୍ବରେ ସାମିଲ ହୋଇ ଶତ ପ୍ରତିଶତ ଭୋଟଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ମହାକାଳପଡ଼ା ଗସ୍ତ କରି କହିଛନ୍ତି ନଦୀର ଜଳ ପରି ଭୋଟଦାନ ସଚେତନାର ବାର୍ତ୍ତା ବହିଯାଉ ପ୍ରାଣକୁ ପ୍ରାଣକୁ । ବତୀଘର ପରି ଭୋଟଦାନ ଜାଗରଣର ପ୍ରଦୀପ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଟି ହୃଦୟରେ ଜଳି ଉଠୁ ଓ ଅଜ୍ଞତାର ଅନ୍ଧକାରକୁ ଦୂରୀଭୂତ କରି ଭୋଟ୍‌ଦାନ ଅଧିକାରକୁ ସୁନିଶ୍ଚିତ କରନ୍ତୁ ଆମ ଜିଲ୍ଲାବାସୀ । ସ୍ୱିପ୍ (ସିଷ୍ଟମେଟିକ୍ ଭୋଟର୍‌ସ ଇଜୁକେସନ୍ ଆଣ୍ଡ ଇଲେକ୍ଟୋରାଲ୍ ପାର୍ଟିସିପେସନ୍) କାର୍ଯ୍ୟକ୍ରମରେ ବତୀଘର, ରାମନଗର ଆଦି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଖରନାସୀ ଘାଟ ଓ ବାହାକୁଦ ଘାଟକୁ ଡଙ୍ଗାରେ ଅତିକ୍ରମ କରି ଘରଘର ବୁଲି ସଚେତନାର ବାର୍ତ୍ତା ବାଣ୍ଟିଥିଲେ ଜିଲ୍ଲା ନିର୍ବାଚନ ଅଧିକାରୀ । ଦୈନନ୍ଦିନ ଖର୍ଚ୍ଚ ପାଇଁ ଏହି ଅଞ୍ଚଳର ଅଧିକାଂଶ ଲୋକ ସାଧାରଣତଃ ପାରାଦ୍ୱୀପକୁ ରୋଜଗାର ଉଦ୍ଦେଶ୍ୟରେ ଯାଇଥାନ୍ତି । ମାତ୍ର ଜୁନ୍ ୧ ତାରିଖରେ କାର୍ଯ୍ୟରୁ ବିରତ ରହି ଭୋଟଦାନ ଅଧିକାରକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଆହ୍ୱାନ ରଖିଥିଲେ । ବୁଥ୍ ସ୍ତରରେ ଲୋକଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ତଥା ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର୍ ଅଶୋକ କୁମାର ଦାସ, ସ୍ଥାନୀୟ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ୍ ଓ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# କୁଜିଆ ଆରଏମସି ପଡିଆରେ ରାହୁଲ ଗାନ୍ଧିଙ୍କ ନିର୍ବାଚନୀ ସଭା ପାଇଁ

## କଂଗ୍ରେସ ନେତୃମଣ୍ଡଳୀର ଅନୁଧ୍ୟାନ

**ସାଲେପୁର, ନ୍ୟୁଜ୍**

୨୮ ତାରିଖ ରବିବାର ଦିନ ରାହୁଲ ଗାନ୍ଧୀ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କୁଜିଆ ଆରଏମସି ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେବେ । ଏହି ସଭାରେ ଉପକୂଳ ଜିଲ୍ଲା କଟକ, କେନ୍ଦ୍ରାପଡା, ଯାଜପୁର, ଜଗତସିଂପୁର ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାହୁଲ ଉପକୂଳ ଭୋଟର ଓ କର୍ମୀମାନଙ୍କୁ ଏହି ସଭାରେ ଗୁରୁମନ୍ତ୍ର ଦେବେ । କଂଗ୍ରେସ କର୍ମୀ ଉତ୍ସାହିତ ହେଲେ, ଦଳର ଭୋଟ ବଢ଼ିବ । ଏହି ପରିପ୍ରେକ୍ଷୀରେ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଟିମ୍ ଘଟଣା ସ୍ଥଳୀରେ ପହଞ୍ଚିଛନ୍ତି । କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, ମାହାଙ୍ଗା ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ଏବଂ ସାଲେପୁର ବିଧାୟକ ପ୍ରାର୍ଥୀ ଯାକୁବ ଖାନ୍ ପ୍ରମୁଖ ରାହୁଲଙ୍କ ସଭାସ୍ଥଳୀ ପର୍ଯ୍ୟବେକ୍ଷଣ କରିଥିଲେ । ରାହୁଲଙ୍କ ଆଗମନକୁ ନେଇ କଂଗ୍ରେସ କର୍ମୀ ବେଶ୍ ଉତ୍ସାହିତ ଅଛନ୍ତି । ଯେହେତୁ ରାହୁଲ ଗାନ୍ଧୀଙ୍କ ଏହି ସଭାଟି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଯାଉଛି, ତେଣୁ ମାହାଙ୍ଗା ଓ ସାଲେପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାଇଁ ଏହା ବହୁ ଫଳପ୍ରଦ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ କହୁଛନ୍ତି ।



# ତାରିଣୀଙ୍କ ପୀଠରେ ୨୮ତମ ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଥିବା ମା' ତାରିଣୀଙ୍କ ପୀଠରେ ପବିତ୍ର ଚୈତ୍ର ପୂର୍ଣ୍ଣମୀ ଅବସରରେ ୨୮ତମ ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ସୋମବାର ଅଙ୍କୁରାରୋପଣ କରାଯାଇଥିଲା । ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ହରିବୋଲ ହୁଳହୁଳୀ ଘଣ୍ଟ କାହାଳୀ ଧ୍ୱନୀରେ ଏକ କଳସ ଶୋଭାଯାତ୍ରା ଆସିଥିଲା । ଏହି କଳସୀ ଗୁଡିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା । ମଙ୍ଗଳବାର ସକାଳେ ପାରମ୍ପରିକ ରୀତି ନୀତି ଅନୁଯାଇ ମା'ଙ୍କର ଘଟଯାତ୍ରା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା କରାଯାଇଥିଲା । ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଧୂପ ଦୀପ ନୈବେଦ୍ୟ ଦେଇ ମା'ଙ୍କ ପୂଜାର୍ଚ୍ଚନା କରିବା ସହ କୃପାଲାଭ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଯଜ୍ଞ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ମହାଆଳତୀ ହୋଇଥିଲା । ରାତ୍ରର ବିଳମ୍ବିତ ପ୍ରହରରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା । ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବକୁ ସଫଳ କରାଇବାରେ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# ନିର୍ବାଚନ ମାହୋଲରେ ନକଲି ମଦରେ ଭାସୁଛି ନିଶ୍ଚିନ୍ତକୋଇଲି

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଚଳିତ ଲୋକସଭା ଓ ବିଧାନ ସଭା ଯେତିକି ନିକଟତର ହେଉଛି ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସେତିକି ନିର୍ବାଚନ ମାହୋଲ ସୃଷ୍ଟି ହେଉଛି । ଭୋଟ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଗାଁ ଗାଁରେ ମଦମାଂସର ଆସର ସୃଷ୍ଟି କରୁଥିବାର ଦେଖିବାକୁ ମିଳିଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳ ନକଲି ଓ ଅପମିଶ୍ରିତ ମଦରେ ଭାସୁଥିବା କାରଣରୁ ମଦ ମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ କୁହାଯାଉଛି । ଗତ କିଛିଦିନ ହେଲା ନିଶ୍ଚିନ୍ତକୋଇଲି, ଅସୁରେଶ୍ୱର, କେନ୍ଦୁପାଟଣା, ନେମାଳ, ବର୍ଗିହାଟ, ଉତ୍ତରକୂଳ ସମେତ ସମଗ୍ର ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ ଅପମିଶ୍ରିତ ନକଲି ବିଷାକ୍ତ ମଦର ବ୍ୟାପକ କାରବାର ହେଉଥିବାର ଜଣାଯାଇଛି । ବିଭିନ୍ନ ରାଜନୈତିକ ଦଳର ନେତାମାନେ ସରଳ ଭୋଟର ଦାତା ଭୋଟ ହାତେଇବା ପାଇଁ ନିଶାକୁ ଏକମାତ୍ର ଅସ୍ତ୍ର ରୂପେ ବ୍ୟବହାର କରୁଥିବାର ଜଣାଯାଇଛି । ଏପରିକି ଗାଁ ଗାଁରେ ପାନ ଦୋକାନ, ଚା ଦୋକାନ, ଜଳଖିଆ ଦୋକାନ ମାନଙ୍କରେ ଅବାଧରେ ମଦ ବିକ୍ରୟ କରାଯାଉଥିବାର ଜଣାଯାଇଛି । ଅସଲି ବୋତଲରେ ନକଲି ମଦ ବିକ୍ରୟ କରାଯାଉଥିଲା ବେଳେ ମୁନଫାଖୋର କଳା ବ୍ୟବସାୟୀମାନେ ମଦର ଚାହିଦା ଅଧିକା ଥିବାର ସୁଯୋଗ ନେଇ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ମଦ୍ୟପଙ୍କ ଠାରୁ ଶୋଷଣ କରିନେଉଥିବାର ଅଭିଯୋଗ ହୋଇଛି । ଏପରିକି ନାମୀ ଦାମୀ ମଦ କମ୍ପାନୀ ନାମରେ ଜାଲିଆତି କରାଯାଇ ନକଲି ମଦ ବଜାରରେ ଯାହାକୁ ଯେତେ ବିକ୍ରୟ କରାଯାଉଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଖୋଲାବଜାରରେ ନକଲି ଦେଶୀ ମଦ ମଧ ଅବାଧରେ ବିକ୍ରୟ କରାଯାଉଥିବାର ଜଣାଯାଇଛି । ଏହି ଅପମିଶ୍ରିତ ମଦ ପାନ କରି ଗ୍ରାମଞ୍ଚଳର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହେଉଥିଲା ବେଳେ ବହୁ ପରିବାରର ସଂସାର ମଧ ଉଜୁଡି ଯାଉଥିବାର ଦେଖିବାକୁ ମିଳିଛି । ଏପରିସ୍ଥଳେ ସ୍ଥାନୀୟ ଅବକାରୀ ବିଭାଗ ସର୍ବୋପରି ପୋଲିସ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଲୋକେ ପୋଲିସ ପ୍ରଶାସନ ସର୍ବୋପରି ଅବକାରୀ ବିଭାଗକୁ ଜଣାଇଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସମ୍ପୃକ୍ତ ଅଧିକାରୀମାନେ ଜାଣି ମଧ ନଜାଣିଲା ଭଳି ଅଭିନୟ କରୁଛନ୍ତି । ତେବେ ଏହି ଅଧିକାରୀମାନେ ସମ୍ପୃକ୍ତ ଚୋରା ମଦ ବ୍ୟବସାୟୀଙ୍କ ଠାରୁ ମାସିକିଆ ବଟି ନେଉଥିବା କାରଣରୁ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନଥିବାର ଅଭିଯୋଗ ହୋଇଛି । ପୋଲିସ ପ୍ରଶାସନ ସର୍ବୋପରି ଅବକାରୀ ବିଭାଗ ତରଫରୁ ସ୍ଥାନୀୟ ଅଞ୍ଚଳର ଚୋରା ମଦ ବ୍ୟବସାୟୀଙ୍କ ଅଙ୍କୁଶ ଲଗାନଗଲେ ଆଗାମୀ ଦିନରେ ଏଠାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏପରିକି ହିଂସାକାଣ୍ଡ ଓ ମଦ ମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବିଧାନସଭା ସ୍ତରୀୟ ଶକ୍ତିକେନ୍ଦ୍ର କର୍ମଶାଳା

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ତରଫରୁ ବିଧାନସଭା ସ୍ତରୀୟ ଶକ୍ତିକେନ୍ଦ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବଳିପାଳ ପଞ୍ଚାୟତ ପାତ୍ରଗଡ଼ ଠାରେ ମଣ୍ଡଳ ସାଭାପତି ପ୍ରସାନ୍ତ ସେଠୀଙ୍କ ସଭାପତିତ୍ୱରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମହାକାଳପଡ଼ା ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ, ସଂଯୋଜକ ସରୋଜକାନ୍ତ ସାହୁ, ଜୀବନାନନ୍ଦ ସାହୁ, ପ୍ରଦୀପ ସେଠୀ, ସୁକାନ୍ତ ଦାସ, ସରପଞ୍ଚ ରଶ୍ମିକାନ୍ତ ପଲାଇ, ସମିତିସଭ୍ୟ ବ୍ରଜସୁନ୍ଦର ରାଉତ, କୃଷ୍ଣପଦ ମଣ୍ଡଳ ପ୍ରମୁଖ ଯୋଗଦେଇ ବୁଥ୍ ସ୍ତରରୁ ସଂଗଠନକୁ ଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା । ଶକ୍ତି କେନ୍ଦ୍ରରେ ନିର୍ବାଚନ ପରିଚାଳନା କମିଟି ଗଠନ କରିବା ଓ ଦଳର ୱାର୍ଡ଼ କମିଟି ଗଠନ କରିବା ଉପରେ ଆଲୋଚନା ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୌବାଲ୍ୟ ବାହାଲିଆ, ବାଇଧର ରାଉତ, ପ୍ରହଲ୍ଲାଦ ସେଠୀ, ତପନ ରାଉତ, ଦିଲ୍ଲୀପ ବେରା, ପ୍ରଶାନ୍ତ ପରିଡ଼ା, କୁଞ୍ଜ ରାଉତ, ବାବାଜୀ ପାଇଟଳ, ମାନସ ମହାନ୍ତି, କାହ୍ନୁ ପରିଡ଼ା, ପବିତ୍ର ମୋହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାବିତ୍ରୀମଣି ବିଶ୍ୱାଳଙ୍କ ଏକାଦଶାହରେ ସ୍ମୃତି ସଭା

**ବାଲେଶ୍ୱର, ନ୍ୟୁଜ୍**

ଧର୍ମପ୍ରାଣା, ସମାଜ ସଂସ୍କାରକ, ସାମାଜିକ କର୍ମୀ, ସୁଗୃହିଣୀ, ବିଦୂଷୀ, ପରୋପକାରୀ, ପ୍ରେରଣାଦାୟିନୀ, ସ୍ନେହ ଓ ମମତାର ଚିରସ୍ରୋତା ତଟିନୀ, ସେବା ଓ ତ୍ୟାଗର ମହୋଦଧୀ, ଅମୃତମୟୀ ଜନନୀ ସାବିତ୍ରୀମଣି ବିଶ୍ୱାଳଙ୍କର ଏକାଦଶାହରେ ଆୟୋଜିତ ସ୍ମୃତିସଭାରେ ସମବେତ ଅତିଥୀମାନେ ତାଙ୍କର ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ରେମୁଣା ବ୍ଲକର ମୁଖୁରା ସ୍ଥିତ ବାସଭବନରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ, ଜଗନ୍ନାଥ ସଂସ୍କୃତିର ଗବେଷକ ଭରତ ଚନ୍ଦ୍ର ମହାନ୍ତିଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବରେ ଡଃ ନରୋତ୍ତମ ପରିଡା, ପ୍ରଫେସର ପ୍ରଶାନ୍ତ କୁମାର ବରାଳ, ଡଃ ପ୍ରଦୀପ୍ତ କୁମାର ମିଶ୍ର ସାମ୍ବାଦିକ ରବି ରାଉତ ଯୋଗ ଦେଇଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ସାଂସଦ ପ୍ରାର୍ଥୀ ପ୍ରଫେସର ଲେଖାଶ୍ରୀ ସାମନ୍ତସିଂହାର, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସମଂଗରାଜ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଉପାଧ୍ୟକ୍ଷ ସୁମତୀ ବେହେରା, ଏନଏସି ଅଧ୍ୟକ୍ଷ ତନୁଜା ଗିରି, ଉପାଧ୍ୟକ୍ଷ ଆୟେଶାନ ଖାନ, ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଧାନ୍ଦା, ବନ୍ଦିତା ନାୟକ, କବିତା ପାଣି, ସମାଜର ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଂଜନ ବାଗ, ହିମାଂଶୁ ଦାସ, ରବୀନ୍ଦ୍ର ମହାକୁଡ, ରେମୁଣା ସିଡିପିଓ ସୌଭାଗ୍ୟମଞ୍ଜରୀ ରାଉତ, ବରିଷ୍ଠ ଆଇନଜୀବୀ ନଳିନୀ କୁମାର ପଣ୍ଡା, ଯାଦବେଶ ମିଶ୍ର, ବିଜେଡିର ରେମୁଣା ବ୍ଲକ ସଭାପତି ମନୋରଞ୍ଜନ ରାଉତ, ଇଂ ଦୀପକ କୁମାର ମଲ୍ଲିକ, ଇଂ ବିଜୟ କୁମାର ସେଠୀ, ଡଃ ମହେଶ୍ୱର ମହାପାତ୍ର, ପ୍ରବୀଣ ସଂଗଠକ କଥାକାର ଅଜୟ ନାୟକ, କବି କାଳୀପଦ ପଣ୍ଡା, ଅଭୟ ଦାସ ଡଃ ଭାଗବତ ଦାସ, ସଦ୍‌ଗୁରୁ ବାଣୀ ନିର୍ମାଲ୍ୟ ବିଶ୍ୱାଳ, ଡା. ହରୀଶଚନ୍ଦ୍ର ପତି, ପ୍ରଦୀପ ବେହେରା, ଭାସ୍କରଚନ୍ଦ୍ର ବିଶ୍ୱାଳ, କସ୍ତୁରୀଚରଣ ଦାସ, ବିମ୍ବାଧର ଲେଙ୍କା, ପଣ୍ଡିତ ସତ୍ୟବ୍ରତ ମିଶ୍ର, ପ୍ରଶାନ୍ତ କୁମାର ଚକ୍ର, ପ୍ରଭାକର ବେହେରା ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଦିବଂଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସାମ୍ୟବାଦୀ ଷ୍ଟାଲିନ୍ ମିଶ୍ର ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗୀୟା ସାବିତ୍ରୀମଣିଙ୍କର ବଡ଼ ପୁଅ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି, ଶିଳ୍ପଦ୍ୟୋଗୀ ପ୍ରଭାତ କୁମାର ବିଶ୍ୱାଳ ମାଆଙ୍କ ପ୍ରତି ତାଙ୍କର ଅନ୍ତରର ନୈବେଦ୍ୟ ଅର୍ପଣ ପୂର୍ବକ ତାଙ୍କ ବାପାଙ୍କର ତିରୋଧାନ ପରେ ମାଆ ହିଁ ସେମାନଙ୍କ ପରିବାରର ସବୁ ସଦସ୍ୟ ଆତ୍ମୀୟସ୍ୱଜନଙ୍କୁ ସ୍ନେହ ମମତା ଓ ଅନୁଶାସନର ଡୋରୀରେ ବାନ୍ଧି ରଖିଥିଲେ ବୋଲି କୋହଭରା କଣ୍ଠରେ ବର୍ଣ୍ଣନା କରିଥିଲେ । ଶେଷରେ ସାମାଜିକ କର୍ମୀ ତଥା ବିଜେଡିର ରେମୁଣା ଏନଏସି ସଭାପତି ରାମନାରାୟଣ ବେହେରା ସ୍ମୃତିଚାରଣ କରିବା ସହିତ ଉପସ୍ଥିତ ଅତିଥି ଓ ଅନ୍ୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସକାଳେ ରାଜ୍ୟ ଶିକ୍ଷ, ବିଦ୍ୟୁତ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପକେଶରୀ ଦେବ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଅଶ୍ୱିନୀକୁମାର ପାତ୍ର ଓ ଅନ୍ୟ ନେତୃବୃନ୍ଦ ମୁଖୁରା ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ପରିଜନଙ୍କୁ ସମବେଦନା ଜ୍ଞାପନ କରିବା ସହ ସ୍ୱର୍ଗୀୟା ସାବିତ୍ରୀମଣିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସିପିଆଇ ତରଫରୁ ଦରଦାମ୍ ନିୟନ୍ତ୍ରଣ ପାଇଁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସିପିଆଇ କମିଟି ତରଫରୁ ଦୈନନ୍ଦିନ ସାମଗ୍ରୀର ଦରଦାମ୍ ନିୟନ୍ତ୍ରଣ ପାଇଁ ଏକ ୯ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ କେତେକ ଅସାଧୁ ବ୍ୟବସାୟୀ ନିଜ ମନ ମୁତାବକ ଦର ବୃଦ୍ଧି କରି ସାମଗ୍ରୀ ବିକ୍ରି କରୁଥିବା ଜଣାପଡିଛି । ତୁରନ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଳୁର ଅହେତୁକ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା, କେନ୍ଦ୍ରାପଡା-ଜମ୍ବୁ-ପଟ୍ଟାମୁଣ୍ଡାଇ କେନାଲରେ ପାଣି ଛଡାଯିବା, ନୂଆ ଭୋଟର ମାନଙ୍କୁ ବ୍ୟାପକ ସଚେତନତା କରାଯାଇ ଶତ ପ୍ରତିଶତ ଭୋଟ୍ ଦେବା ନିଶ୍ଚିନ୍ତ କରାଯିବା, ଜଳଛତ୍ର ପ୍ରଶାସନ ପକ୍ଷରୁ ବ୍ୟାପକ ଭାବେ ଖୋଲାଯିବା, ଚାଷୀଙ୍କୁ ଧାନ ବିହନ ପାଇଁ ଏବେ ଠାରୁ ଚିଠା ସଂଗ୍ରହ କରିବା, ପାରାଦ୍ୱୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ସମ୍ପ୍ରସାରିତ ହେଉଥିବାରୁ ଜଳ ନିଷ୍କାସନ ପଥ ରଖାଯିବା, କେନ୍ଦ୍ରାପଡା କେନାଲ କାର୍ଯ୍ୟ ତୁରନ୍ତ ସାରିବା, ମାର୍ଶାଘାଇ-ଜମ୍ବୁ କେନାଲକୁ ପରିଷ୍କାର କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା, ଏକ ବୃହତ ଶୀତଳ ଭଣ୍ଡାର ଚାଲୁ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, କୁବେର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସମସ୍ୟାରେ ଛନ୍ଦି ହୋଇଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ:ଅସହ୍ୟ ତାତିରେ କଲବଲ ହେଉଛନ୍ତି ଲୋକେ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ ଭାବେ ନିର୍ମିତ ବର୍ହିବିଭାଗକୁ ଚଳିତ ବର୍ଷ ଫେବୃୟାରୀ ୧୭ରେ ସାଂସଦ ଚନ୍ଦ୍ରାଣୀ ମୁର୍ମୁଙ୍କ ଉପସ୍ଥିତିରେ ରୂପାନ୍ତରିତ କରାଯାଇ ଆମ ହସ୍ପିଟାଲ କରାଯାଇଛି । ତେବେ ସମସ୍ୟା ଦୂର ହେବା ପରିବର୍ତ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦିନକୁ ଦିନ ସମସ୍ୟାରେ ଛନ୍ଦି ହୋଇ ଯାଉଛି । ଏଠାରେ ବର୍ହି ବିଭାଗ ଟିକେଟ ପ୍ରିଣ୍ଟର ଦୀର୍ଘ ଦିନ ହେବ ଅଚଳ ହୋଇଯାଇଛି । ଫଳରେ ଡାକ୍ତରଙ୍କୁ ଦେଖାଇବାକୁ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ଅସମ୍ଭାଳ ଭିଡରେ ଲମ୍ବା



ଲାଇନ୍‌ରେ ପଞ୍ଜି କରଣ କରି ଟିକେଟ ଆଣୁଥିବା ଦୃଶ୍ୟ ଗୁରୁବାର ଦେଖିବାକୁ ମିଳିଥିଲ । ଅସହ୍ୟ ଉହଉହ ଖରାରେ ଲୋକମାନେ ଠେଲାପେଲା ହୋଇ ଧାଡିରେ ଦୀର୍ଘ ସମୟ ଠିଆ ହୋଇ ରହୁଥିବା ନଜରକୁ ଆସିଛି । ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ ହୋଇଥିବା କେନ୍ଦୁଝର ଜିଲ୍ଲାର ବହୁ ଦୂର ଦୁରନ୍ତାରୁ ଲୋକେ ବହୁ ସଂଖ୍ୟାରେ ବହୁ ଆଶା ନେଇ ଧାଇଁ ଆସୁଛନ୍ତି । କିନ୍ତୁ ଏଠାକୁ ଆସିବା ପରେ କିଛି ସୁବିଧା ସୁଯୋଗ ନପାଇ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ଏଥିପ୍ରତି ଅଭିଯୋଗ ପରେ ବି ମେଡିକାଲ କାର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମେଡିକାଲ କର୍ଣ୍ଣକୁ ରଙ୍ଗମାରି ଚକାଚକ କରାଯାଉଥିବା ବେଳେ, ଏଠାରେ ରହିଥିବା ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉନି ।ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତୁରନ୍ତ ବର୍ହି ବିଭାଗ ଟିକେଟ ପ୍ରିଣ୍ଟର ମରାମତି କରାଯିବାକୁ ରୋଗୀ ଓ ସମ୍ପର୍କୀୟ ମାନେ ଦାବି ଜଣାଇଛନ୍ତି ।

# ବିଜେଡ଼ିରେ ଯୋଗଦେଲେ ସାମାଜିକ କର୍ମୀ ମିନାକ୍ଷୀ ମିଶ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବରଗଡ ନିର୍ବାଚନ ମଣ୍ଡଳୀର ସାମାଜିକ କର୍ମୀ ମିନାକ୍ଷୀ ମିଶ୍ର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କଣ୍ଟାବାଞ୍ଜି ଓ ପଦ୍ମପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ମିନାକ୍ଷୀ ମିଶ୍ରଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ମିନାକ୍ଷୀ ମିଶ୍ରଙ୍କ ଯୋଗଦାନ ଫଳରେ ବିଶେଷକରି ବରଗଡ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ମିନାକ୍ଷୀ ମିଶ୍ର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗରିବ ସେବା ସଦନ ଶାଳପଡ଼ା ପକ୍ଷରୁ ସମାଜ ସେବୀ ଶମ୍ଭୁନାଥ ରାଉତଙ୍କ ଶୁଦ୍ଧିକ୍ରିୟା ପାଇଁ ସହାୟତା

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଘସିପୁରା ବରିପାଳ ଗ୍ରାମର ଦୁଇ ଓଳା ଖାଇବାକୁ ପାଉନଥିବା ଦିନ ମଜୁରିଆ ନାଂଡୁ ପ୍ରାଧନଙ୍କର ମୃତ୍ୟୁରେ ଅସହାୟ ହୋଇପଡିଛନ୍ତି ସ୍ତ୍ରୀ ରଙ୍ଗଲତା ପ୍ରଧାନ ଓ ପୁଅ ବିଶ୍ୱନାଥ ପ୍ରଧାନ । ପରିବାରର ଏକମାତ୍ର ରୋଜଗାର କରୁଥିବା ସ୍ୱାମୀଙ୍କ ମୃତ୍ୟୁରେ ନିଜକୁ ଶୁଦ୍ଧି କରାଇବା ପାଇଁ ସମ୍ବଳ ନଥିବା ଖବର ଗରିବ ସେବା ସଦନର ସଭାପତି ଡକ୍ଟର ଶମ୍ଭୁନାଥ ରାଉତଙ୍କ ପାଖରେ ପହଞ୍ଚିଥିଲା । ଖବରପାଇ ଡକ୍ଟର ରାଉତ ଗରିବ ସେବା ସଦନର ନାରଙ୍ଗପୁରର ସଦସ୍ୟ ମାନଙ୍କ ପାଖକୁ ଖବର ପଠାଇଥିଲେ ।



ନାରଙ୍ଗପୁରର ସଦସ୍ୟ ରଞ୍ଜନ ସାହୁ, ପୁଥୁଲୁ ନାୟକ, ବିଜୟ ସାହୁ, ଜୟନ୍ତ ସେଠୀ, ଶରତ ପ୍ରଧାନ, ଅଭିମନ୍ୟୁ ଦେହୁରୀ ପ୍ରମୁଖ ବିଧବା ପତ୍ନୀ ରଙ୍ଗଲତାଙ୍କ ପାଖରେ ପହଞ୍ଚି ତତ୍‌କ୍ଷଣାତ୍ ମୃତକ ନାଂଡୁ ପ୍ରଧାନଙ୍କ ଶୁଦ୍ଧିକ୍ରିୟା ସମାପନ ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ଗରିବ ସେବା ସଦନର ବିଭିନ୍ନ ଅଞ୍ଚଳରେ ଥିବା ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ସହାୟତାର ହାତ ବଢ଼ାଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ପାତ୍ର ହୋଇଥାନ୍ତୁ । ଭବିଷ୍ୟତରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ସମାଜ ସେବାକୁ ଜାରି ରଖିବା ପାଇଁ ଡକ୍ଟର ରାଉତ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ବିନମ୍ର ନିବେଦନ କରିଛନ୍ତି ।

# ବୌଦ୍ଧରେ ଜାତୀୟ ସେମିନାର ଏକ ରାଷ୍ଟ୍ର ଏକ ନିର୍ବାଚନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହରର ହୋଟେଲ ପାରିଜାତ ଠାରେ ବିଶେଷ ଖବର ପଶ୍ଚିମ ଓଡ଼ିଶା ଶାଖା ପକ୍ଷରୁ ସେମିନାର ଅନୁଷ୍ଠିତ ହୋଇଯାଇଛି । ଦେଶରେ ଏକ ରାଷ୍ଟ୍ର ଏକ ନିର୍ବାଚନର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ୱତନ୍ତ୍ର ପ୍ରତିନିଧି ପ୍ରଦୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ଼. ଇଂ ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ଏକ ରାଷ୍ଟ୍ର ଏକ ନିର୍ବାଚନ ଉପରେ ତଥ୍ୟ ସମ୍ବଳିତ ମତ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ତୃଷ୍ଟି, ବରିଷ୍ଠ ସାମ୍ବାଦିକ ଦିବ୍ୟ ଶଙ୍କର ରାଉତ ନିଜ ନିଜ ମତ ପ୍ରକାଶ କରି କହିଥିଲେ ଯେ ଅର୍ଥନୀତି ଓ ବିକାଶକୁ ଦୃଷ୍ଟିରେ ରଖି ଏକ ରାଷ୍ଟ୍ର ଏକ ନିର୍ବାଚନ ହେଲେ ଦେଶର ମଙ୍ଗଳ ହୋଇପାରିବ । ଅବସରପ୍ରାପ୍ତ ସୈନିକ ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଧାନ ଶିକ୍ଷକ ତୃପ୍ତିରଞ୍ଜନ ଦାନୀ ଏକ ନିର୍ବାଚନ ନିହାତି ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ସାମ୍ବାଦିକ ଦେବାଶିଷ ପୁରୋହିତ ସଂଯୋଜନା କରିଥଲେ । ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସାମ୍ବାଦିକମାନେ ଯୋଗଦାନ କରିଥଲେ ।

# ବିଜେଡ଼ିର ବିଶାଳ ବାଇକ୍ ରାଲି

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ସହରରେ ବିଜେଡି ଦଳର ଯୁବ କାର୍ଯ୍ୟକର୍ତ୍ତାମାନେ ଏକ ବିଶାଳ ବାଇକ୍ ରାଲି କରି ଦଳର ଶକ୍ତିପ୍ରଦର୍ଶନ କରିଛନ୍ତି । ଏଥିରେ ବଲାଙ୍ଗୀର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ଯୁବନେତା ଅର୍କେଶନାରାୟଣ ସିଂଦେଓ, ଜିଲ୍ଲା ଯୁବ ବିଜୁଜନତା ଦଳର ସଭାପତି ରାଜେନ୍ଦ୍ର ହୋତା ଓ ଛାତ୍ର ବିଜେଡିର ଜିଲ୍ଲା ସଭାପତି ସୁମନ ନନ୍ଦଙ୍କ ନେତୃତ୍ୱରେ ପ୍ରାୟ ୨୦୦୦ରୁ ଅଧିକ ଯୁବକ ବାଇକ୍ ରାଲି କରି ସହର ପରିକ୍ରମା କରିଥିଲେ । ସ୍ଥାନୀୟ କୋସଲ ଛକ ଠାରୁ ଏହି ଶୋଭାଯାତ୍ରା ବାହାରି ମହିଳା କଲେଜ ଛକ, ଭାଗିରଥି ଛକ, ବିକ୍ରମ ଛକ, ମସଜିଦ୍ ଛକ, ସୁଦପଡା ଛକ, ପାଟଣେଶ୍ୱରୀ ମନ୍ଦିର ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ଓ ପରେ କଲେଜ ଛକ, ଶାନ୍ତିପଡା, ଆରଟିଓ ଅଫିସ ଛକ, ନୂତନ ବସ୍ ଟର୍ମିନାଲ୍, ତୁଳସୀ ନଗର,



ରୁଗୁଡିପଡ଼ା, ପେଲେସଲାଇନ ଦେଇ ପୁଣି ଶୈଳଶ୍ରୀ ପ୍ୟାଲେସକୁ ପହଞ୍ଚିଥିଲା । ଦୀର୍ଘ ପ୍ରାୟ ୧୫ କିମି ରାସ୍ତାର ଏହି ବାଇକ୍ ରାଲି ସହର ପରିକ୍ରମା କରି ବିଜେଡିଦଳ ତାର ଶକ୍ତି ପ୍ରଦର୍ଶନ କରିଛି । ଆଜିର ବାଇକ୍ ରାଲି ଫଳରେ ମୁଖ୍ୟତଃ ଯୁବକାର୍ଯ୍ୟକର୍ତ୍ତା ବେଶି ପରିମାଣରେ ଉତ୍ସାହିତ ହୋଇଛନ୍ତି ବୋଲି କଳିକେଶ କହିଛନ୍ତି । ଗତ କିଛିଦିନ ହେଲା ଉଭୟ କଂଗ୍ରେସ ଓ ବିଜେଡି ମଧ୍ୟରେ ଶକ୍ତିପ୍ରଦର୍ଶନ କରି ନିଜର ଅସ୍ତିତ୍ୱ ଦେଖାଉଛନ୍ତି । ଚଳିତଥର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ବିଜେଡି କାର୍ଯ୍ୟକର୍ତ୍ତା ଉତ୍ସାହିତ ଅଛନ୍ତି । ସେଥିପାଇଁ ଦଳୀୟ ପ୍ରଚାରକୁ ମଧ ଦ୍ୱିଗୁଣିତ କରାଯାଇଛି ।

# କୋରାପୁଟ ଲୋକସଭା ଓ ରାୟଗଡ଼ା ବିଧାନସଭା ପାଇଁ ନାମାଙ୍କନ ଦାଖଲ ଶେଷ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

୨୦୨୪ ଲୋକସଭା ଓ ଓଡ଼ିଶା ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ୨୫ ତାରିଖ ନାମାଙ୍କ ପତ୍ର ଦାଖଲର ଶେଷ ଦିନଥିଲା । ଆଜି ଯାଏଁ ୧୩୮ ବିଧାନସଭା ତଥା ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପାଇଁ ୧୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେମାଙ୍କ ମଧରୁ ଦୁଇଜଣ ପୂର୍ବତନ ବିଧାୟକ ଏବଂ ଅନ୍ୟମାନେ ନବାଗତ । ଏଠାରେ ବିଜେଡିରୁ ରଘୁନାଥ ଗମାଙ୍ଗ, ବିଜେପିରୁ ତ୍ରିନାଥ ଗମାଙ୍କ, କଂଗ୍ରେସରୁ ସତ୍ୟଜିତ୍ ଗମାଙ୍ଗ, ସ୍ୱାଧୀନଭାବେ ଫାଲଗୁନି ଶବର, ଅନାସୀମ ଶବର ସିପିଆଇଆଇ ଏମଏଲ୍ ଲିବେରେସନ୍‌ରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି, ସେହିପରି ଶିବରାମ ମାମ୍ବାଲିକା ବହୁଜନ ସମାଜ ପାର୍ଟିରୁ, ପୂର୍ଣ୍ଣଚନ୍ଦ୍ର ଶବର ନବ ଭାରତ ନିର୍ମାଣ ସେବା ପାର୍ଟି ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ରବିଶଙ୍କର ଗମାଙ୍ଗ, ରଶ୍ମୀତା କୁମାର ଶବର, ପଦ୍ମିନୀ ଗମାଙ୍ଗ, ଭାସ୍କର ଜାଗାରେଙ୍ଗା ଏବଂ କରୁଣାକର ଶବର ନ୍ୟାସନାଲ ଆପନୀ ପାର୍ଟି, ନାଗଭୁଷଣ ମାଣ୍ଡାଙ୍ଗୀବହୁଜନ ମୁକ୍ତି ପାର୍ଟି, ଅବିନାଶ ଗମାଙ୍ଗ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୧୩୮ ବିଧାନସଭା ତାଳମେଳରେ କଂଗ୍ରେସ ଓ ଅଣକଂଗ୍ରେସର ଦବଦବା ଥିଲା, ଗତ ତିନୋଟି ନିର୍ବାଚନରେ ବିଜେଡି ଗୁଣୁପୁର ବିଧାନସଭାକୁ ନିଜ ଅକ୍ତିଆରରେ ରଖିଛି । ତେବେ ଆସନ୍ତୁ ଜାଣିବା କେବେ କେଉଁ ଦଳର କିଏ ବିଧାୟକ ହୋଇଥିଲେ । ୨୦୧୯ ବିଧାନ ସଭା ନିର୍ବାଚନରେ ରଘୁନାଥ ଗମାଙ୍ଗ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗଙ୍କ ଠାରୁ ୬,୨୭୦ ଭୋଟ୍ ବ୍ୟବଧାନରେ ବିଜୟଲାଭ କରିଥିଲେ । ସେତିକି ବେଳକୁ ବିଜେପିର ଶିଶିର ଗମାଙ୍ଗଙ୍କୁ ୧୬,୪୯୧ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ସ୍ୱାଧୀନ ପ୍ରାର୍ଥୀ ଭାବେ ତ୍ରିନାଥ ଗମାଙ୍ଗ ୨୬୩୨୧ ଭୋଟ୍ ହାତେଇ ତୃତୀୟ ସ୍ଥାନରେ ରହିଥିଲେ । ୨୦୨୪ ଓଡ଼ିଶା ବିଧାନସଭା ନିର୍ବାଚନରେ କଣ ରହିବ ଲୋକଙ୍କ ରୁଦ୍ଧିମତ ଓ କାହାକୁ ବିଧାୟକ ଭାବେ ନିର୍ବାଚିତ କରିବେ, କିଏ ମାରିବ ବାଜି ଆଉ କେଉଁମାନେ ଯିବେ ହାରି । ୨୦୧୯ରେ ବିଜେଡିରୁ ରଘୁନାଥ ଗମାଙ୍ଗ ୪୮,୮୩୯ ଭୋଟ ପାଇଥିବା ବେଳେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୪୨,୫୬୯ ଭୋଟ୍ ପାଇଥିଲେ । ସେହିପରି ବିଏସ୍‌ପିରୁ କୈଳାଶ ଶବର ୩୯୨୪ ଭୋଟ୍ ପାଇଥିବା ବେଳେ ନୋଟାକୁ ଯାଇଥିଲା ୪୬୭୧ଟି ଭୋଟ୍ । ତେବେ ଆସନ୍ତୁ ଦେଖିବା ଏହାର ପୂର୍ବ ନିର୍ବାଚନର ଫଳାଫଳ । ୨୦୧୪ ନିର୍ବାଚନରେ ତ୍ରୀନାଥ ଗମାଙ୍କ ବିଜେଡିରୁ ପ୍ରାର୍ଥୀ ହୋଇ ୫୯,୫୨୭ ଭୋଟ୍ ପାଇଥିବା ବେଳେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୫୨,୧୪୧ ଭୋଟ୍ ପାଇଥିଲେ । ବିଜେପିର ରାମମୂର୍ତ୍ତି ଗମାଙ୍ଗ ୧୫,୫୯୬ ଭୋଟ୍ ପାଇଥିଲେ । ବିଏସ୍‌ପିରୁ ମାଣ୍ଡାଙ୍ଗୀ ଶବରଙ୍କୁ ମିଳିଥିଲା ୨,୭୯୮ ଭୋଟ୍, ସିପିଆଇଏମ୍‌ଏଲ୍‌ର ମାଣ୍ଡାଙ୍ଗୀ ମାଧବ ରାଓ ୨,୦୪୪ ଭୋଟ୍ ହାତେଇଥିଲେ । ସ୍ୱାଧୀନ ପ୍ରାର୍ଥୀ ଦାମୋଦର ଶବର ପାଇଥିଲେ ୧୬୦୯ ଖଣ୍ଡ ଭୋଟ୍, ଏଓପିରୁ ନଜିତା ରଇତ ପ୍ରାର୍ଥୀ ହୋଇ ୧୫୧୯ ଗୋଟି ଭୋଟ୍ ପାଇଥିଲେ । ସ୍ୱାଧୀନ ଭାବେ ଲିଙ୍ଗରାଜ ଗମାଙ୍ଗ ୧୪୫୪ ଭୋଟ୍ ପାଇଥିଲେ । ବୃହସ୍ପତି ଶବର, ସ୍ୱାଧୀନ ପ୍ରାର୍ଥୀ ରାଜେଶ୍ୱରୀ ଶବର ଏବଂ ଏସକେଡିରୁ ଭଗବାନ ଗମାଙ୍ଗଙ୍କୁ ଦୁଇ ହାଜରରୁ ଅଧିକ ଲେଖାଏଁ ଭୋଟ୍ ମିଳିନଥିଲା । ୨୦୧୪ରେ ତ୍ରିନାଥ ଗମାଙ୍ଗ ବିଜେଡିରୁ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୯ରେ ବିଜେଡିରୁ ରାମମୂର୍ତ୍ତି ମୁଟିକା ନିର୍ବାଚିତ ହୋଇଥିଲେ । ୨୦୦୪ରେ ହେମାବତୀ ଗମାଙ୍ଗ, ୨୦୦୦ ମସିହାରେ ଉପନିର୍ବାଚନ ହୋଇଥିଲା । ୧୯୯୫ରେ କଂଗ୍ରେସରୁ ଅକ୍ଷୟ କୁମାର ଗମାଙ୍ଗ ନିର୍ବାଚିତ ହୋଇଥିଲେ । ୧୯୯୦ରେ ରାମମୂର୍ତ୍ତି ଗମାଙ୍ଗ ଜନତାଦଳରୁ ଲଢ଼ି ନିର୍ବାଚିତ ହୋଇଥିଲେ । ୧୯୮୫ ରେ କଂଗ୍ରେସରୁ ଭାଗିରଥି ଗମାଙ୍ଗ, ୧୯୮୦ରେ କଂଗ୍ରେସରୁ ଭାଗିରଥି ଗମାଙ୍ଗ ନିର୍ବାଚିତ ହୋଇଥିଲେ, ୧୯୭୭ରେ କଂଗ୍ରେସରୁ ଭାଗିରଥି ଗମାଙ୍ଗ, ୧୯୭୪ରେ ମଧ କଂଗ୍ରେସର ଭାଗିରଥି ଗମାଙ୍ଗ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।୧୯୭୧ରେ ଜନ କଂଗ୍ରେସରୁ ଭାଗିରଥି ଗମାଙ୍କ ନିର୍ବାଚିତ ହୋଇଥିଲେ । ୧୯୬୭ ରେ ଭାଗିରଥି ଗମାଙ୍ଗ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ, ୧୯୬୧ ରେ କଂଗ୍ରେସରୁ ନରସିଂହ ପାତ୍ର ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ରୁ ୧୯୫୭ ମଧ୍ୟରେ ନରସିଂହ ପାତ୍ର ଏବଂ ସନ୍ୟାସି ଚରଣ ପିଡିକା କଂଗ୍ରେସ ୧୯୫୫ରେ ଗଣତନ୍ତ୍ର ପରିଷଦ ପାର୍ଟିରୁ ବାଇପୋଲରେ ଭାଗିରଥି ଗମାଙ୍ଗ ବିଜୟ ଲାଭ କରିଥିଲେ । ଗୁଣୁପୁର ବିଧାନସଭାର ପ୍ରଥମ ବିଧାୟକ ଥିଲେ ଶବର ଡୁମ୍ବା, ଗଣତନ୍ତ୍ର ପରିଷଦ ପାର୍ଟିରୁ ଲଢ଼ି ବିଜୟ ହୋଇଥିଲେ । ତେବେ ଚଳିତ ଥର ମଧ ତ୍ରିମୁଖୀ ଲଢ଼େଇ ହେବ । ଏଥିରୁ କିଏ ମାରିବ ବାଜି ତାହା ଦେଖିବାକୁ ବାକି ରହିଲା ।

# ଦିଲ୍ଲୀ କ୍ୟାପିଟାଲ ବିଜୟୀ




**ନୂଆଦିଲ୍ଲୀ**

ଆଇପିଏଲ୍‌ର ୪୩ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ମୁମ୍ବାଇ ଇଣ୍ଡିଆନ୍ସ(ଏମଆଇ)କୁ ପରାଜିତ କରିଛି । ୨୫୮ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ଧାର୍ଯ୍ୟ ୨୦ ଓଭରରେ ୯ ୱିକେଟ ହରାଇ ୨୪୭ ରନ କରିଥିଲା।

ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତଙ୍କ ନେତୃତ୍ୱରେ ବ୍ୟାଟିଂ କରି ଧାର୍ଯ୍ୟ ୨୦ ଓଭରରେ ୪ ୱିକେଟ ୨୫୭ ହରାଇ ରନ କରିଛି । ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବିଜୟ ଲକ୍ଷ୍ୟ ୨୫୮ ରନ ରହିଥିଲା।

ଦିଲ୍ଲୀ କ୍ୟାପିଟାଲ୍ସର ଦମ୍‌ଦାର ବ୍ୟାଟିଂ କରିଥିବାବେଳେ ଜେକେ ଫ୍ରେଜର ମ୍ୟାକ୍‌ଗର୍କ ଧୂଆଁଧାର ବ୍ୟାଟିଂ କରିଛନ୍ତି । ସେ ୧୫ ବଲ୍‌ରେ ୫୦ ରନ ସଂଗ୍ରହ କରିଥିଲେ। ସେ ୨୭ ବଲ୍‌ରେ ୮୪ ରନ ସଂଗ୍ରହ କରିଥିଲେ।

ସେହିପରି ଅଭିଷେକ ପୋରେଲ ୩୬ ରନ୍, ଶାଇ ହୋପ ୪୧ ରନ୍, ରିଷଭ ପନ୍ତ ୨୯ ରନ୍, ଟ୍ରିଷ୍ଟନ ଷ୍ଟବ ୪୮ ରନ ଏବଂ ଅକ୍ଷର ପଟେଲ ୧୧ ରନ କରିଥିଲେ।

ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଇଶାନ କିଶନ ୨୦ ରନ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ୨୬ ରନ୍, ତିଳକ ବର୍ମା ୬୩ ରନ , ହାର୍ଦ୍ଦିକ ପାଣ୍ଡ୍ୟା ୪୬ ରନ୍, ଟିମ ଡେଭିଡ ୩୭ ରନ କରିଥିଲେ।

## ଆଇପିଏଲ୍ ୨୦୨୪ର ନୂଆ ହିରୋ ଶଶାଙ୍କ



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୪କୁ ମିଳିଛି ନୂଆ ହିରୋ। ସେ କୌଣସି ବିଦେଶୀ ଖେଳାଳି ନୁହନ୍ତି ବରଂ ପଞ୍ଜାବ କିଙ୍ଗ୍ସର ଅନ୍‌କ୍ୟାପ୍ଡ ଖେଳାଳି ଶଶାଙ୍କ ସିଂ। ଶଶାଙ୍କଙ୍କୁ ପଞ୍ଜାବ ୨୦ ଲକ୍ଷ ଟଙ୍କାରେ କିଣିଥିଲା, ହେଲେ କେକେଆର୍ ବିପକ୍ଷ ମ୍ୟାଚ୍‌ରେ ସେ ୨୮ ବଲ୍‌ରେ ଅପରାଜିତ ୬୮ ରନ୍‌ର ଇନିଂସ ଖେଳି ଷ୍ଟାର ଭାବେ ଉଭା ହୋଇଛନ୍ତି । ନିଜ ଇନିଂସରେ ସେ ୨ ଚୌକା ଏବଂ ୮ ଛକା ଲଗାଇଥିଲେ। ୩ୟ ୱିକେଟ ପାଇଁ ସେ ଜନି ବେୟରେଷ୍ଟୋଙ୍କ ସହ ମିଶି ୩୭ ବଲ୍‌ରେ ଅପରାଜିତ ୮୪ ରନ୍ ଯୋଡ଼ିଥିଲେ । ତାଙ୍କ ଇନିଂସ ବଳରେ ପଞ୍ଜାବ ଐତିହାସିକ ବିଜୟ ହାସଲ କରିଥିଲା।

କଥାରେ ଅଛି କଷ୍ଟ ସହିବା ପରେ ହିରା ଚମକିଥାଏ। ସେହିଭଳି ପଞ୍ଜାବର ଚିନ୍ତାଜନକ ସ୍କୋର ସମୟରେ ଶଶାଙ୍କ ଇନିଂସକୁ ସମ୍ଭାଳିଥିଲେ। ୧୨.୩ ଓଭରରେ ଦଳର ସ୍କୋର ୧୭୮ ରନ୍ ଥିଲା। ସେତେବେଳେ ବିଜୟ ଲାଗି ୪୫ ବଲରେ ୮୪ ରନ୍‌ର ଆବଶ୍ୟକତା ଥିଲା। ଶଶାଙ୍କ ମଇଦାନକୁ ଆସିବା ପରେ ଏଭଳି ଇନିଂସ ଖେଳିଥିଲେ ଯେ ପଞ୍ଜାବ ୮ ବଲ୍ ଥାଇ ବିଜେତା ହୋଇଥିଲା। ମ୍ୟାଚ୍ ପରେ ୧୦୦ ଟେଷ୍ଟ ଖେଳିଥିବା ଜନି ବେୟରେଷ୍ଟୋ ତାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେ ତାଙ୍କର ଶଟ୍‌କୁ ଉପଭୋଗ କରୁଥିବା ସେ କହିଛନ୍ତି।

ତେବେ ଆଇପିଏଲରେ ଶଶାଙ୍କ ଅନେକ ସ୍ମରଣୀୟ ଇନିଂସ ଖେଳି ସାରିଲେଣି। ସେ ଏଯାବତ ୯ ମ୍ୟାଚ୍‌ରେ ୬୫.୭୫ ହାରରେ ୧୮୨.୬୩ ଷ୍ଟ୍ରାଇକ୍ ରେଟ୍ ସହ ୨୬୩ ରନ୍ କରିଛନ୍ତି। କେକେଆର୍ ବିପକ୍ଷ ସ୍କୋର ତାଙ୍କର ସର୍ବାଧିକ ସ୍କୋର।

ଶଶାଙ୍କ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୨୦୨୨ରେ ଚେନ୍ନାଇ ବିପକ୍ଷରେ ଡେବ୍ୟୁ କରିଥିଲେ। ଏଥିରେ ତାଙ୍କୁ ବ୍ୟାଟିଂ କରିବା ସୁଯୋଗ ମିଳିଥିଲା। ପଞ୍ଜାବ ତାଙ୍କର ୪ର୍ଥ ଟିମ୍ । ଏହାପୂର୍ବରୁ ସେ ଦିଲ୍ଲୀ ଏବଂ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିସାରିଛନ୍ତି। ସେ ଛତିଶଗଡ଼ର ଖେଳାଳି । ତାଙ୍କ ନାମରେ ୫୮ ଘରୋଇ ଟି୨୦ ମ୍ୟାଚ୍‌ରେ ୧୩୭.୩୪ ରେଟ୍‌ରେ ୭୫୪ ରନ୍ ରହିଛି।

## ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ମାର୍ଟା କଲେ ବଡ଼ ଘୋଷଣା

**ସାଓ ପାଉଲୋ**

ଛଅ ଥର ମହିଳା ବିଶ୍ୱକପ୍ ଖେଳିଥିବା ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ମାର୍ଟା ଚଳିତ ବର୍ଷ ଶେଷ ହେବା ପରେ ଜାତୀୟ ଦଳରୁ ଅବସର ନେବାଲାଗି ଯୋଜନା କରିଛନ୍ତି। ସିଏନ୍‌ଏନ୍ ବ୍ରାଜିଲକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି, ପ୍ୟାରିସରେ ହେବାକୁଥିବା ଅଲିମ୍ପିକ୍ସରେ ଖେଳିବା ଲାଗି ତାଙ୍କର ଆଶା ରହିଛି। ଜାତୀୟ ଦଳ ତରଫରୁ ଏହା ହେବ ତାଙ୍କର ଅନ୍ତିମ ପ୍ରମୁଖ ଟୁର୍ନାମେଣ୍ଟ।

ତେବେ ୨୦୨୫ରେ ସେ ତାଙ୍କ କ୍ଲବ କ୍ୟାରିୟର ଜାରି ରଖିବେ କି ନା ସେ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି । ମାର୍ଟା କହିଛନ୍ତି ସେ ପ୍ୟାରିସ ଗେମ୍ସ ଖେଳିବାକୁ ରହୁଁଛନ୍ତି, ଯାହା ତାଙ୍କର ୬ଷ୍ଠ ଅଲିମ୍ପିକ ହେବ। ତାଙ୍କ ସହାୟତାରେ ବ୍ରାଜିଲ ୨୦୦୪ ଓ ୨୦୦୮ରେ ରୌପ୍ୟ ଜିତିଥିଲା। ମାର୍ଟାଙ୍କ ପ୍ରଭାବୀ ପ୍ରଦର୍ଶନରେ ବ୍ରାଜିଲ ଆହୁରି ମଧ୍ୟ ଦୁଇ ଥର ପାନ୍ ଆମେରିକାନ ଗେମ୍ସ (୨୦୦୩ ଓ ୨୦୦୭) ଏବଂ ୩ଥର କୋପା ଆମେରିକା (୨୦୦୩, ୨୦୧୦ ଓ ୨୦୧୮) ଜିତିଥିଲା।

ସେ ହେଉଛନ୍ତି ବ୍ରାଜିଲର ଅଗ୍ରଣୀ ଗୋଲ ସ୍କୋରର। ୧୭ ଗୋଲ ସହ ସେ ମହିଳା ବିଶ୍ୱକପ୍‌ର ଟପ୍ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି । ହେଲେ ସେ ଥରେ ହେଲେ ବିଶ୍ୱକପ୍ ଜିତିପାରି ନାହାନ୍ତି । ୨୦୦୭ରେ ଚୀନରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଜର୍ମାନୀଠାରୁ ହାରି ବ୍ରାଜିଲ ରନରଅପ୍ ହୋଇଥିଲା।

## ପାରା କ୍ରୀଡାବିତ୍‌ଙ୍କୁ ନିଓମୋସନ ମୋଟରାଇଜ ହୁଇଲ ଚେୟାର ପ୍ରଦାନ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ଦୁର୍ଘଟଣା ବଶତଃ ଚଳନଶକ୍ତି ହରାଇଥିବା ମଣିଷ ଭିତରେ ପ୍ରତିଭାର ସୁପ୍ତ ପ୍ରାଚୁର୍ଯ୍ୟ ଅନାବିଷ୍କୃତ ହୋଇ ରହିଥାଏ । ଯଦି ତାକୁ ପ୍ରୋତ୍ସାହନ ଓ ସହାୟକ ଗତିଶୀଳତା ମିଳେ ତେବେ ସେ ନିଜ ସାମର୍ଥ୍ୟ ପ୍ରତିପାଦିତ କରିପାରେ। ଏହି ପରି ଜଣେ ସମ୍ଭାବନାମୟ ମହାକାଳପଡ଼ାର ଚଳନ ଶକ୍ତି ବାଧିତ ପାରା କ୍ରୀଡାବିତ୍ ପ୍ରଶାନ୍ତ କୁମାର ନାୟକଙ୍କୁ ମାଡ୍ରାସ ଆଇଆଇଟି ଦ୍ୱାରା ବିକଶିତ ଅତ୍ୟାଧୁନିକ ନିଓମୋସନ ମୋଟର ରାଇଜ ହୁଇଲ ଚେୟାର ଜିଲ୍ଲାରେ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ପୁନର୍ବାସ ତରଫରୁ ପ୍ରଦାନ କରାଯାଇଛି । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦାନ କରିଥିଲେ । ଅନୁଷ୍ଠାନର ନିଜସ୍ୱ ପାଣ୍ଠିରୁ ପ୍ରଦାନ କରାଯାଇଥିବା ଏହି ଅତ୍ୟାଧୁନିକ ନିଓମୋସନ ମୋଟର ହୁଇଲ ଚେୟର ଦ୍ୱାରା ପ୍ରଶାନ୍ତ ନାୟକଙ୍କ କ୍ରୀଡା ଓ ବୃତ୍ତିଗତ ଜୀବନ ଅଧିକ ସୁଗମ ହେବା ସହ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ମତ ରଖିବା ସହ ପୁନର୍ବାର ଏହିଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମନରନ ତ୍ରିପାଠୀ, ସଭ୍ୟା ଅମରିନ ସାହାଦତ, ଭିନ୍ନକ୍ଷମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ସଭ୍ୟ ଶିବ ପ୍ରସାଦ ସାମଲ, ପ୍ରାକ୍ତନ୍ ଅଧକ୍ଷ ନିରଞ୍ଜନ ମଙ୍ଗରାଜ, କ୍ଷୀରୋଦ କର ପ୍ରମୁଖ ଉପସ୍ଥିତ ଥିଲେ । ପୁନର୍ବାସ ପକ୍ଷରୁ ବଂଶୀଧର ମହାନ୍ତି, ସଂଯୋଜକ ସଂଜୀବ କୁମାର ଜେନା, ମନୋଜ କୁମାର ମହାନ୍ତି, ଶେଷଦେବ ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସେମିରେ ଦୀପିକା କୁମାରୀ

**ସାଂଘାଇ**

ମାତୃତ୍ୱ ଲାଭ ପରେ ମଧ ଭାରତର ପୂର୍ବତନ ବିଶ୍ୱର ନମ୍ବର-୧ ତୀରନ୍ଦାଜ ଦୀପିକା କୁମାରୀ ତାଙ୍କ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି । ଏଠାରେ ଚାଲିଥିବା ଆର୍ଚେରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୧ରେ ସେ ତାଙ୍କ କୋରିଆ ପ୍ରତିଦ୍ୱନ୍ଦ୍ୱୀ ଜିଅନ୍ ହୁନ୍‌ୟଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ କମ୍ପାଉଣ୍ଡ ଆର୍ଚରମାନେ ସ୍ଥିର ପ୍ରଦର୍ଶନ ଜାରି ରଖି ଭାରତ ପାଇଁ ୪ ପଦକ ପକ୍କା କରିଛନ୍ତି। ୩ ଥର ଅଲିମ୍ପିଆନ ଦୀପିକା ବର୍ତ୍ତମାନ ବିଶ୍ୱର ୧୪୨ତମ ନମ୍ବର ଖେଳାଳି ର୍‍ୟାଙ୍କିଙ୍ଗ ରାଉଣ୍ଡରେ ୩୦ତମ ସିଡ୍ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି।



ମହିଳା ରିକର୍ଭ ବ୍ୟକ୍ତିଗତ କ୍ୱାର୍ଟରଫାଇନାଲରେ ସେ ଜିଅନଙ୍କୁ ୬-୪ (୨୭-୨୮, ୨୭-୨୭, ୨୯-୨୮, ୨୯-୨୭, ୨୮-୨୮)ରେ ହରାଇ ଦେଇଛନ୍ତି । ୨୦୨୨ରେ ମାତୃତ୍ୱ ଲାଭ କରିଥିବା ଦୀପିକା ଖେଳକୁ ପ୍ରତ୍ୟାବର୍ତ୍ତନ କରି ଚଳିତବର୍ଷ ଫେବୃଆରୀରେ ବାଗଦାଦ୍‌ରେ ଏସିଆ କପ୍ ସ୍ୱର୍ଣ୍ଣ ଜିତିଥିଲେ। ଆଗକୁ ଯଦି ସେ ଅନ୍ୟ ଦୁଇ କୋରିଆନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାରେ ସଫଳ ହୁଅନ୍ତି ତେବେ ୨୦୨୧ ଜୁନ୍ ପ୍ୟାରିସ ଷ୍ଟେଜ୍-୩ ପରେ ଏହା ତାଙ୍କର ପ୍ରଥମ ବିଶ୍ୱକପ୍ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହେବ।

ଦୀପିକା ସେମିଫାଇନାଲରେ ୭ମ ସିଡ୍ ତଥା କୋରିଆର ସ୍ୱଳ୍ପ ବୟସ୍କା ନାମ୍ ସୁହ୍ୟୋନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଜ୍ୟୋତି ସୁରେଖା ଭେନମ ଓ ଅଭିଷେକ ବର୍ମା କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଦୁଇ ନମ୍ବର ଯୋଡ଼ି ୧୫୫-୧୫୧ରେ ମେକ୍ସିକୋର ଆନ୍ଦ୍ରିଆ ବସେରୋ ଓ ଲଟ୍ ମାକ୍ସିମୋ ମେଣ୍ଡେଜ ଓରିଜ୍‌ଙ୍କୁ ହରାଇ ଦେଇଛନ୍ତି। ସେମାନେ ଶନିବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନଙ୍କଠାରୁ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଇଷ୍ଟୋନିଆନ ଯୋଡ଼ିକୁ ଭେଟିବେ।

ଜ୍ୟୋତି ଆହୁରି ମଧ ମହିଳା କମ୍ପାଉଣ୍ଡ ଟିମ୍‌ର ସଦସ୍ୟ ରହିଛନ୍ତି । ଏହି ଟିମ୍ ବୁଧବାର ଫାଇନାଲକୁ ଉନ୍ନୀତ ହୋଇଥିଲା। ଜ୍ୟୋତି ଗୁରୁବାର ବ୍ୟକ୍ତିଗତ ବିଭାଗରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବିଶ୍ୱର ୩ ନମ୍ବର ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ହ୍ୟାଟ୍ରିକ ପୋଡିୟମ ଫିନିଶ ଲକ୍ଷ୍ୟରେ ଅଛନ୍ତି । ଓଭରଅଲ ଭାରତୀୟ ତୀରନ୍ଦାଜମାନେ ଚାରୋଟି ଟିମ୍ ଇଭେଣ୍ଟ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଏହାଛଡ଼ା ଦୁଇଟି କମ୍ପାଉଣ୍ଡ ବ୍ୟକ୍ତିଗତ ଇଭେଣ୍ଟରେ ଜ୍ୟୋତି ଓ ପ୍ରିୟାଂଶ ସେମିଫାଇନାଲରେ ପ୍ରବେଶ କରି ପଦକ ଦୌଡ଼ରେ ରହିଛନ୍ତି।

## ବାଲିଗୁଡା ବିଧାନସଭା କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ

**ବାଲିଗୁଡା, ନ୍ୟୁଜ୍‌ବ୍ୟୁରୋ**

ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ମଧ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରଥମ ଦିନରେ ହଜାର ହଜାର ସମର୍ଥକ ଙ୍କ ଗହଣରେ ବାଲିଗୁଡା ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ଆସି ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସକାଳ ୧୧ ଟା ରେ ସ୍ଥାନୀୟ ପେଟ୍ରୋଲ ପମ୍ପ ଆମ୍ବ ବଗିଚା ଠାରୁ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ, ବସଷ୍ଟାଣ୍ଡ, ମୁଖ୍ୟ ବଜାର ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପହଞ୍ଚି ଉପ ଜିଲ୍ଲାପାଳ ତଥା ସ୍ଥାନୀୟ ନିର୍ବାଚନ ଅଧିକାରୀ ରିନା ପ୍ରଧାନଙ୍କ ନିକଟରେ ୩ ସେଟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପ୍ରାର୍ଥୀ ପତ୍ର ଦାଖଲ ସମୟରେ କନ୍ଧମାଳ ଲୋକସଭା ପ୍ରାର୍ଥୀ ଅମିର ଚାନ୍ଦ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଅନାମ ଚରଣ ନାୟକ, କୋଟଗଡ ଜିଲ୍ଲା ପରିଷଦ ସଦସ୍ୟ ଜିରିମୟ ସୁନା ମାଝି, ବ୍ଲକ ଅଧକ୍ଷ ପିଙ୍କି କହଁର, ବରିଷ୍ଠ କଂଗ୍ରେସ ନେତା ସିମାଞ୍ଚଳ ଆଚାର୍ଯ୍ୟ, ସୀତାରାମ ପଣ୍ଡା, ରାମକୃଷ୍ଣ ପାଢ଼ୀ, ମନୋଜ ଆଚାର୍ଯ୍ୟ, ପ୍ରଫୁଲ ଦାସ, ହୀରାସିଂ ମଣ୍ଡଳ, ଏନଏସି ସଭାପତି ସ୍ୱପ୍ନେଶ୍ୱର ସାହୁ, ବ୍ଲକ ସଭାପତି, ସରୋଜ ବେହେରା ମାଝି, ଜିତେନ୍ଦ୍ର ଦିଗାଲ, ଗିରୀଶ ପରାସେଠ , ଆକାଶ ପ୍ରଧାନ, ଜିଲ୍ଲା ଉପ ସଭାପତି ମାର୍ଥିନ ବଳିୟାରସିଂ, ଯୁବ କଂଗ୍ରେସ ର ରୋମ୍ୟଜିତ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆଜି ରାଜ୍ୟ ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏପ୍ରିଲ ୨୬ ରୁ ମେ ୩ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ମେ ୪ରେ ଯାଞ୍ଚ , ମେ ୬ ରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ର ସମୟ ସୀମା ରହିଛି । ମେ ୨୦ ରେ ଭୋଟ ଗ୍ରହଣ ହେବ ।



## ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହାରାଜା କୃଷ୍ଣଚନ୍ଦ୍ର

**ଜଗତସିଂହପୁର ନ୍ୟୁଜ୍‌ବ୍ୟୁରୋ**

ଯୋଗଜନ୍ମା ମହାରାଜା ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୨ତମ ଜୟନ୍ତୀ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱକରି କୃଷ୍ଣଚନ୍ଦ୍ର ଗଜପତିଙ୍କ ପରି ବରପୁତ୍ରଙ୍କୁ ଜନ୍ମ ଦେଇ ଉତ୍କଳ ଜନନୀ ଧନ୍ୟ ହୋଇଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପାଠାଗାରର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ଦାସ କହିଥିଲେ ଯେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଉଦ୍ୟମରେ ଶିକ୍ଷାର ବିକାଶ ପାଇଁ ଭୁବନେଶ୍ୱରରେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତି ସହ କଟକର ବିଦ୍ୟାଧରପୁର ଧାନଗବେଷଣା କେନ୍ଦ୍ର ଆଦି ପ୍ରତିଷ୍ଠା ହୋଇପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ସାହୁ, ସଞ୍ଜୟ ସାମନ୍ତସିଂହାର, ଅଞ୍ଜନ ଜେନା, ବ୍ରହ୍ମାନନ୍ଦ ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡ଼ାରେ ଗଡ଼ିଲା ଭିନ୍ନକ୍ଷମ ଭୋଟର ସଚେତନତା ରଥ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ (ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ) ପକ୍ଷରୁ ଗଡ଼ିଛି 'ଭିନ୍ନକ୍ଷମ ଭୋଟର୍ ସଚେତନତା ରଥ।' ଏହି ରଥକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କହିଛନ୍ତି ଆମ ଜିଲ୍ଲାର ଦିବ୍ୟାଙ୍ଗ ଭାଇଭଉଣୀମାନେ ଜୁନ୍ ୧ ତାରିଖରେ ଭୋଟ ଦେଇ ସେମାନଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ। ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି। ଦିବ୍ୟାଙ୍ଗ ଓ ବୟୋବୃଦ୍ଧ ଭୋଟରଙ୍କ ନିମନ୍ତେ ପୋଷ୍ଟାଲ୍ ବାଲଟ୍ ବ୍ୟବସ୍ଥା ରହିଛି। ଘର ଠାରୁ ଭୋଟ୍‌ଦାନ କେନ୍ଦ୍ର ପର୍ଯ୍ୟନ୍ତ ପୁଣି ମତଦାନ କେନ୍ଦ୍ରରୁ ଘର ପର୍ଯ୍ୟନ୍ତ ଯିବା ଆସିବା ପାଇଁ ସକ୍ଷମ ଯାନର ବନ୍ଦୋବସ୍ତ କରାଯାଇଛି। ସେମାନଙ୍କୁ ସହଯୋଗ କରିବାକୁ ପ୍ରତ୍ୟେକ ବୁଥ୍‌ରେ ରହିବେ ଜଣେ ଜଣେ ସ୍ୱେଚ୍ଛାସେବୀ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଗଡ଼ିଥିବା ଏହି ଦୁଇଟି ସଚେତନତା ରଥ ଆସନ୍ତା ୮ଦିନ ପର୍ଯ୍ୟନ୍ତ ସମସ୍ତ ୨୪୯ଟି ପଞ୍ଚାୟତରେ ସଚେତନତାର ବାର୍ତ୍ତା ବାଣ୍ଟିବ। ଗାଁ କୁ ଗାଁ ବୁଲି ସୁଗମ ନିର୍ବାଚନ ନିମନ୍ତେ ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରାଇବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ମନୋରନ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସମସ୍ତ ବ୍ଲକ୍‌ର ବିଏସ୍‌ଏସ୍‌ଓ, ଜିଲ୍ଲା କାର୍ଯ୍ୟାଳୟର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା, ଅଫିସ ସହାୟକ ଦେବୀପାଦ ସ୍ୱାଇଁ, ଅତିସ କୁମାର ସ୍ୱାଇଁ, କିରଣବାଳା ଚୌଧୁରୀ, ରଜନୀକାନ୍ତ ଶୁକ୍ଲା, ସୟ କୁମାର ବାରିକ, ମନୋରଞ୍ଜନ ସାହୁ, ସର୍ବେଶ୍ୱର ବାରିକ, ନାରାୟଣ ଜେନା, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ତିର୍ତ୍ତୋଲ ବିଜେଡିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ

# ଗୋଷ୍ଠୀକନ୍ଦଳ ବିରୋଧରେ ଗୁରୁତ୍ୱାରୋପ, ଏକ ହୋଇ ଲଢ଼ିବାକୁ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ କଟକ - ପାରାଦ୍ୱୀପ ରାସ୍ତା ଏକ ମଣ୍ଡପ ପରିସରରେ ତିର୍ତ୍ତୋଲ ବିଜେଡି ଦଳର ସାଙ୍ଗଠନିକ ବୈଠକ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାସଭାପତି ରବି ନାରାୟଣ ଜେନା, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ସହ ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାସ, ଜିଲ୍ଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ରଂଜିତା ସିଂହ, ସୁନୀଲ ବେହେରା, ବରିଷ୍ଠ ଜିଲ୍ଲାଉପସଭାପତି ଅଶ୍ୱିନୀ ଦାସ, ବସନ୍ତ ମହାପାତ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅମର ଜ୍ୟୋତି ସାହୁ, ପ୍ରମୋଦିନୀ ସେଠି, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରଦୀପ୍ତ ଭୂୟାଁ, ତିର୍ତ୍ତୋଲ ସମିତି ସଭ୍ୟ ପ୍ରବୀର ରାୟ ସୁଜିତ ମହାନ୍ତି, ସୁମିତ ଦାସ, କାଳନ୍ଦୀ ବେହେରା, ସିଦ୍ଧାର୍ଥ ଶଙ୍କର ରାଉଳ ପ୍ରମୁଖ ଯୋଗଦେଇଥିଲେ। ୨୧ ଟି ପଞ୍ଚାୟତର ବିଜୁ ପ୍ରେମି ମାନେ ସହସ୍ରାଧିକ ଭାବେ ଉପସ୍ଥିତ ରହି ସାଂସଦ ପ୍ରାର୍ଥୀ ଡ଼ଃ. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଦୁଇଜଣଙ୍କୁ ବିପୁଳ ସମର୍ଥନ ଦେଇ ବିଜୟ କରିବାପାଇଁ ଶପଥ ନେଇଥିଲେ। ଆସନ୍ତା ଜୁନ ୧ ତାରିଖରେ ହେବାକୁଥିବା ସାଧାରଣ ନିର୍ବାଚନରେ ଯୋଡି ଶଙ୍ଖ ରେ ମୋହର ମାରି ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ପାଇଁ ଶପଥ ନେଇଥିଲେ। ଏହି ସାଙ୍ଗଠନିକ ବୈଠକରେ ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଦାଶ, ମହାପାତ୍ର ଓ ଜିଲ୍ଲାପରିଷଦ ଉପାଧକ୍ଷା ଶ୍ରୀମତୀ ମହାନ୍ତି ପୂର୍ବରୁ ଥିବା ଗୋଷ୍ଠୀ କନ୍ଦଳ ବିରୋଧରେ ଗୁରୁତ୍ୱାରୋପ କରିଥିଲେ। ଆମ ଭିତରେ ଥିବା ମନମାଳିନ୍ୟକୁ ଦୂରେଇ ଦେଇ ଏକଜୁଟ ହୋଇ ନବୀନ ପଟ୍ଟନାୟକ ଆମ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଲଢେଇ ଜାରି ରଖିବେ। ସହ ପର୍ଯ୍ୟବେକ୍ଷକ ଶ୍ରୀ ଦାସ କହିଥିଲେ ପ୍ରତ୍ୟେକ ପଦାଧିକାରୀ ମାନେ ପ୍ରତ୍ୟେକ ବୁଥରେ ଘର ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନା ସମ୍ପର୍କରେ ଏକ ପୋଷ୍ଟର ମାରି ସଚେତନ କରାଇବେ। ଏହି କାର୍ଯ୍ୟକ୍ରମକୁ ତପନ ମହାନ୍ତି, ସୁବ୍ରତ ଦାଶ, ହାଜି ଶେଖ କଲ୍ଲିମୁଲ୍ଲା, ଜରବକ୍ତ ଖାନ, ସୁବର୍ଣ୍ଣ ପଣ୍ଡା, ଅଜୟ ରାଉଳ, ଦେବ ବ୍ରତ ମହାନ୍ତି, ଚିନ୍ମୟ ମହାନ୍ତି, ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସହସ୍ରାଧିକ ଜନସାଧାରଣ ଉପସ୍ଥିତ ରହିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଫେସର ଭୋଇ ସାଙ୍ଗଠନିକ ସମ୍ପର୍କରେ ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ କରିବାପାଇଁ ହେଲେ ଯୁବ ଛାତ୍ର ମହିଳା ନେତ୍ରୀ ମାନଙ୍କୁ କାର୍ଯ୍ୟ କରିବାପାଇଁ ପଡିବବୋଲି ଆହ୍ୱାନ ଦେଇଥିଲେ। ଏହି ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅବସରରେ କଟରା ସରପଞ୍ଚ ସହିଁତା ବଳ ଓ ୩୦ରୁ ଉର୍ଦ୍ଧ୍ୱ କର୍ମୀ ଓ ତରଜଙ୍ଗା ପଞ୍ଚାୟତ ସରପଞ୍ଚ ରିତାଞ୍ଜଳୀ ମଲ୍ଲିକ ଓ ତାଙ୍କ ସମର୍ଥକ ମାନେ ବିଜେଡିରେ ଦଳୀୟ ଉତ୍ତରୀୟ ପକାଇ ସାମିଲ ହୋଇଥିଲେ।




## ବିଦ୍ୟୁତ ତାର ଚୋରି ବେଳେ ଅଭିଯୁକ୍ତଙ୍କୁ ଧରିଲେ ଟାଟା ପାୱାର ବିଭାଗ କର୍ମଚାରୀମାନେ

**ଟିଟିଲାଗଡ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ କଣ୍ଟାବାଞ୍ଜି ବିଦ୍ୟୁତ ସବଡ଼ିଭିଜନ ଅଧିନସ୍ଥ ମୁରିବାହାଲ ଥାନା ଅଞ୍ଚଳର ପତ୍ରାପାଲି ଓ ଦେବଙ୍ଗ ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ୩୩କେଭି ବିଦ୍ୟୁତ ଜୀବନ୍ତ ତାର ଚୋରି କରୁଥିବା ସମୟରେ ଜଣେ ଅଭିଯୁକ୍ତଙ୍କୁ ଧରିଥିଲେ! ଏହି ଖବର ପାଇ ଟିଟିଲାଗଡ଼ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବିନାୟକ ରାଉତ ସଙ୍ଗେ ସଙ୍ଗେ ଘଟଣା ସ୍ଥଳକୁ ଯିବା ପାଇଁ କଣ୍ଟାବାଞ୍ଜି ଏସଡ଼ିଓ ଜଗନ୍ନାଥ ପତିକୁ ପରାମର୍ଶ ଦେବା ସହିତ ମୁରିବାହାଲ ଥାନାରେ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ! ଘଟଣା ଜାଗାକୁ ସେକ୍ସନ ଅଫିସର ଚନ୍ଦ୍ର ଶେଖର ସାହୁ,ତୁରେକେଲା ସେକ୍ସନ ଅଫିସର କ୍ଷୀରୋଦ ପାତ୍ର, ହେମନ୍ତ ପ୍ରଧାନ, ମୁରିବାହାଲ ଇନଚାର୍ଜ ସେକ୍ସନ ଅଫିସର ଚିନ୍ମୟ ସାହୁ ଓ ମୁରିବାହାଲ ମେଣ୍ଟେନାସ କର୍ମଚାରୀ ମାନେ ପହଞ୍ଚି ୧୨ ବଣ୍ଡଲ ତାର, କଟର, ଏବଂ ଦୁଇଟି ବାଇକ, ଏବଂ ଅଭିଯୁକ୍ତ ପବିତ୍ର ଛତ୍ରିଆକୁ ଧରି ମୁରିବାହାଲ ପୋଲିସ ଥାନାରେ ଜିମା ଦେଇଥିଲେ ଓ ଅନ୍ୟ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ମାରିଥିଲେ ।

## ଶତାୟୁ ମତଦାତାଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ପ୍ରଶାସନ

**ଗୁଣପୁର, ନ୍ୟୁଜ୍‌ବ୍ୟୁରୋ**

୨୬ ତାରିଖ ଦିନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଉପ ଜିଲ୍ଲାପାଳ, ଗୁଣପୁର କିରନଦୀପ କୌରଙ୍କ ତତ୍ତ୍ୱାବଧାନରେ ଗୁଣପୁର ସହରର ଦୁଇ ଶତାୟୁ ମତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁଣମଞ୍ଜରୀ ବେବର୍ତ୍ତା (୧୦୭) ଓ ଗୌରଚନ୍ଦ୍ର ପାଢ଼ୀ(୧୦୪)ଙ୍କ ଘରକୁ ଡେପୁଟି କଲେକ୍ଟର ମଧୁସୂଦନ ମାଝୀ, ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି ପ୍ରମୁଖ ଯାଇ ସମ୍ବର୍ଦ୍ଧିତ କରିଥିଲେ । ପୌର କାର୍ଯ୍ୟାଳୟର ତାପସ ପଟ୍ଟନାୟକ, ରଶ୍ମିରଂଜନ ଚୌଧୁରୀ ମାନପତ୍ର ତିଆରି କରିଥିଲେ । ସମ୍ବର୍ଦ୍ଧିତ ସମୟରେ ଗୁଣମଞ୍ଜରୀଙ୍କ ପୁତ୍ର ବିଶିଷ୍ଟ କୃଷିବିତ କୃଷ୍ଣ ଚନ୍ଦ୍ର ବେବର୍ତ୍ତା ଓ ଗୌରଚନ୍ଦ୍ରଙ୍କ ପୁତ୍ର ପ୍ରଦୀପ ପାଢ଼ୀ(ନୁନୁ ପାଢ଼ୀ) ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୨୮ ଅପ୍ରେଲ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଚାଲାଣ ସମୟରେ ଜବତ ହୋଇଥିବା ଗୋରୁମାନଙ୍କୁ ଅଭିଯୁକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯିବନି

**କଟକ,୨୭।୪ ନ୍ୟୁଜ ବ୍ୟୁରୋ**

ନିର୍ଦୟ ଭାବେ ଚାଲାଣ ହେବା ସମୟରେ ଜବତ ହୋଇଥିବା ଗୋରୁମାନଙ୍କୁ ସେମାନଙ୍କର ମାଲିକଙ୍କୁ ହସ୍ତାନ୍ତର କରାଯିବ ନାହିଁ। ଗୋରୁମାନଙ୍କ ପ୍ରତି କରାଯାଉଥିବା ନିର୍ଦୟତାର ମାମଲାରେ ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଯାହା ନିରପେକ୍ଷତା ନିବାରଣ ଆଇନ (ପିସିଏ ଆକ୍ଟ)ର ଉଲ୍ଲଂଘନ କରିବ ବୋଲି କୋର୍ଟ କହିଛନ୍ତି। ବିଚାରପତି ଏସ୍ ଏସ୍. ମିଶ୍ର ଯୁକ୍ତି କରିଛନ୍ତି ଯେ "ଆଇନ ଅପରାଧୀ" ଦ୍ୱାରା ପୁନର୍ବାର ଅଧିକ ନିଷ୍ଠୁରତାର ସମ୍ଭାବନା ଏଭଳି ମାମଲାରେ ଏଡ଼ାଇ ଦିଆଯାଇପାରିବ ନାହିଁ। ତେଣୁ ଜବତ ହୋଇଥିବା ଗୋରୁମାନଙ୍କର ମଧ୍ୟବର୍ତ୍ତୀକାଳୀନ



ସଂରକ୍ଷଣକୁ ଏକ ନିରପେକ୍ଷ ସଂସ୍ଥା ଉପରେ ନ୍ୟସ୍ତ କରାଯିବା ଉଚିତ ଯାହା ପିସିଏ ଆକ୍ଟ ମାମଲା ବିଚାରାଧୀନ ଥିବାବେଳେ ଗୋରୁମାନଙ୍କୁ ସୁରକ୍ଷା ତଥା ସୁରକ୍ଷିତ ରଖିପାରିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଚୂଡ଼ାନ୍ତ ସମାଧାନ ପରେ ଟ୍ରାଏଲ କୋର୍ଟ ଆଇନ ଅନୁଯାୟୀ ଗୋରୁ କିମ୍ବା ଗାଡି ହସ୍ତାନ୍ତର କିମ୍ବା ଗୋରୁ ମାନଙ୍କୁ ଜବତ କରିବା କିମ୍ବା ଜବତ କରିବା ସମ୍ବନ୍ଧରେ ଉପଯୁକ୍ତ ନିର୍ଦ୍ଦେଶ ଦେଇପାରିବେ ବୋଲି କୋର୍ଟ କହିଛନ୍ତି। "ଯଦି କୌଣସି ମାମଲାରେ ପଶୁମାନଙ୍କ ପରିବହନ ନିୟମ, ୧୯୭୮ର ଧାରା ୫୬ (ସି)ର ଉଲ୍ଲଂଘନ କରି ଗୋରୁମାନଙ୍କୁ ପରିବହନ କରାଯାଉଥିଲା ଏବଂ ରେକର୍ଡରୁ ତଥ୍ୟ ପ୍ରମାଣିତ ହେଉଛି ଏବଂ ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ସ୍ୱାସ୍ଥ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇ ନାହିଁ। ପଶୁ ପରିବହନ ନିୟମର ନିୟମ ୪୭ (କ)ର ବ୍ୟବସ୍ଥା, ପିସିଏ ଆକ୍ଟର ଧାରା ୨୯ ଅନୁଯାୟୀ ମଧ୍ୟ ଏପରି ମାଲିକଙ୍କୁ ମଧ୍ୟବର୍ତ୍ତୀକାଳୀନ ହେପାଜତ ଦେବାର କୌଣସି ପ୍ରଶ୍ନ ନାହିଁ ବୋଲି କୋର୍ଟଙ୍କ ଏପ୍ରିଲ ୧୬ ରାୟରେ କହିଛନ୍ତି। ଧ୍ୟାନ ଫାଉଣ୍ଡେସନ ଦ୍ୱାରା ଜିଲ୍ଲା ତଥା ସେସନ ଜଜ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ଜବତ ହୋଇଥିବା ଗୋରୁମାନଙ୍କୁ ସେମାନଙ୍କ ମାଲିକଙ୍କ ନିକଟକୁ ପଠାଇବା ପାଇଁ କୋର୍ଟ ଏକ ଆବେଦନ ଶୁଣାଣି କରିଥିଲେ। ଗତ ବର୍ଷ ଏହି ଗୋରୁମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପ୍ରମାଣପତ୍ର ବିନା ଏବଂ ଉପଯୁକ୍ତ ଯତ୍ନ କିମ୍ବା ଜଳ, ଖାଦ୍ୟ କିମ୍ବା ଚିକିତ୍ସା ସହାୟତା ବିନା ସାମଗ୍ରୀ ପରିବହନକାରୀ ଗାଡିରେ ପରିବହନ କରାଯାଉଥିବା ଅଭିଯୋଗ ହେବା ପରେ ଜବତ କରାଯାଇଥିଲା।

# ବିଜେଡ଼ିରେ ଯୋଗଦେଲେ କଂଗ୍ରେସ, ବିଜେପି ଓ ଆପ୍‌ର ବହୁ ନେତା ଓ କର୍ମୀ

**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର(ଏକାମ୍ର) ନିର୍ବାଚନମଣ୍ଡଳୀର କଂଗ୍ରେସ, ବିଜେପି ଓ ଆପ୍ ଦଳର ବହୁ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଭୁବନେଶ୍ୱର (ଏକାମ୍ର) ବିଧାୟକ ଅଶୋକ ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି, କଂଗ୍ରେସ ଓ ଆପ୍ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର (ଏକାମ୍ର) ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି, କଂଗ୍ରେସ ଓ ଆପ୍ କର୍ମୀମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଆପ୍ ଦଳର ବଂଶୀ ସୁବୁଦ୍ଧି, ଦେବଉତ୍ତମ ଦିଣ୍ଡା, ଭିକି ପ୍ରଧାନ, ଅଶୋକ ପ୍ରଧାନ, ସିଦ୍ଧାର୍ଥ ସାହୁ, ଶୁଭ ମିଶ୍ର, ରାଜା ପ୍ରଧାନ, ସୁଶାନ୍ତ ନାୟକ, ପବିତ୍ର ସାହୁ, ଜାଗା ସାହୁ, ଦିପୀନ ଦିଣ୍ଡା, ବ୍ରହ୍ମାନନ୍ଦ ସୁବୁଦ୍ଧୀ, ଜାଗତ ଉଲ୍ଲା, କଂଗ୍ରେସର ଏସ୍‌କେ ସଫିକ ଉଲ୍ଲା, ଏସ୍‌କେ ଜାକତ ଉଲ୍ଲା, ମିନତ ଉଲ୍ଲା, ସଫକତ ଉଲ୍ଲା, ସୁଜାତ ଉଲ୍ଲା, ରବିଲ ଖାନ, ବିଜେପିର କେଶବ ସାହୁ, ବ୍ରଜ ସାହୁ, ସୂର୍ଯ୍ୟ ସାହୁ, ଲକ୍ଷ୍ମୀଧର ସେଠୀ, କରୁଣାକର ସେଠୀ, ସରୋଜ କୁମାର ପଣ୍ଡା, ରବୀନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ତ୍ରିପାଠୀ, ନବ କିଶୋର ସ୍ୱାଇଁ, ଶତ୍ରୁଘ୍ନ ବେହେରା, କପିଳ ପରିଡା, ଭାରତ ସାହୁ, ଦେବାଶିଷ ସେଠୀ, ଏମ୍‌ଡି ସୁନ୍ଦରାୟ, ସନ୍ତୋଷ ବେହେରା, ନନ୍ଦୀନ ମିଶ୍ର, ସୁଦର୍ଶନ ନାୟକ, ବିଶ୍ୱନାଥ ବାରିକ, ପ୍ରଶାନ୍ତ କୁମାର ପଟ୍ଟନାୟକ, ଟୁକୁନା ପାତ୍ର, ଲକ୍ଷ୍ମୀ ସାହୁ ଓ ସସ୍ମିତା ଦାସଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀକୁ ନେଇ ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି: ବିଜେଡି

**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ମହାନଦୀକୁ ନେଇ ସମ୍ବଲପୁରରେ ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି। ଦୀର୍ଘ ପାଞ୍ଚ ବର୍ଷ ଏଠି ସାଂସଦ ଓ ବିଧାୟକ ଲୁଚି ଲୁଚି ବୁଲିଲେ। ମହାନଦୀକୁ ନେଇ ବିଜେପି ଯେଉଁ ହୀନ ରାଜନୀତି କରିଛି, ତା'ର ପର୍ଦ୍ଦାଫାସ୍ ହେବା ଜରୁରୀ ବୋଲି କଡା ଜବାବ ରଖିଛି ବିଜେଡି। ମହାନଦୀକୁ ନେଇ ବିଜେପି ସାମ୍ବାଦିକ ସମ୍ମିଳନୀର କଡ଼ା ଜବାବ ରଖିଛନ୍ତି ବିଜେଡି ମୁଖପାତ୍ର ସଞ୍ଜୟ ବାବୁ। ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ମହାନଦୀ ଆମର ମା'। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମା' ମାଟି ବିରୋଧରେ ଯାଇ ଛତିଶଗଡ଼ର ସ୍ୱାର୍ଥ ପାଇଁ ଉଦ୍ୟମ କରିଛନ୍ତି। ମହାନଦୀକୁ ମାରିବା ପାଇଁ ଧର୍ମେନ୍ଦ୍ର ଯେଉଁ ପ୍ରୟାସ କରିଥିଲେ, ତାହା ଜନସାଧାରଣ ଜାଣିଛନ୍ତି । ସମ୍ବଲପୁରବାସୀ ଏହା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। ମହାନଦୀ ଓଡ଼ିଶାର ଜୀବନରେଖା। ମହାନଦୀ ଟ୍ରିବ୍ୟୁନାଲକୁ ମଧ୍ୟ ଧର୍ମେନ୍ଦ୍ର ରୋକିବାକୁ ଚେଷ୍ଟା କରିଥିଲେ । ଛତିଶଗଡ଼ରୁ ରାଜ୍ୟସଭାକୁ ନିର୍ବାଚିତ ହେବା ପାଇଁ ତାଙ୍କର ଉଦ୍ଦେଶ୍ୟ ଥିଲା। କିନ୍ତୁ ତାଙ୍କର ଭାଗ୍ୟଡୋରୀ ସମ୍ବଲପୁରବାସୀଙ୍କ ହାତରେ ବୋଲି ସଞ୍ଜୟ ବାବୁ କହିଛନ୍ତି।

# ରାଜ୍ୟରେ ମୁକ୍ତ ଓ ନିରପେକ୍ଷ ମତଦାନ ପାଇଁ ୧୬୫ କମ୍ପାନୀ ସିଏପିଏଫ ମୁତୟନ

**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ଆଗାମୀ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ପ୍ରଶାସନିକ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଇଛି । ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା ପରିପ୍ରେକ୍ଷୀରେ ୪ଟି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି। ଆସନ୍ତା ମେ' ମାସ ୧୩, ୨୦, ୨୫ ଓ ଜୁନ ୧ରେ ହେବାକୁ ଯାଉଛି ଭୋଟିଂ । ସଂପୂର୍ଣ୍ଣ ଶାନ୍ତିଶୃଙ୍ଖଳା ମଧ୍ୟରେ ନିର୍ବାଚନ ପ୍ରକ୍ରିୟାର ପରିଚାଳନା ନିମନ୍ତେ ଓଡ଼ିଶାରେ ୧୬୫ କମ୍ପାନୀ ସିଏପିଏଫ ମୁତୟନ ପାଇଁ ବ୍ୟବସ୍ଥା ହୋଇଛି । ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ସ୍ୱଚ୍ଛ ତଥା





ନିରପେକ୍ଷ ରୂପେ ପରିଚାଳନା କରିବା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ଏକ ଜାତୀୟ ଉତ୍ସବର ମାହୋଲ ମଧ୍ୟରେ ମତଦାନ ବ୍ୟବସ୍ଥା ପାଇଁ ଏହି ସବୁ ସୁରକ୍ଷା ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମତପ୍ରକାଶ କରିଛନ୍ତି ।

ସାଧାରଣ ନିର୍ବାଚନ-୨୦୧୯ରେ ଓଡ଼ିଶାରେ ମୋଟ ୧୩୩ କମ୍ପାନୀ ସିଏପିଏଫ ଯବାନ ମୁତୟନ ହୋଇଥିଲେ । ଏହା ମଧ୍ୟରୁ ୯୬ କମ୍ପାନୀ ଇନସିଟୁ ମୁତୟନ ହୋଇଥିବାବେଳେ ୩୭ କମ୍ପାନୀ ଡାଇରେକ୍ଟ ଇଣ୍ଡକସନ ଭାବରେ ମୁତୟନ ହୋଇଥିଲେ । ଏକକାଳୀନ ସାଧାରଣ ନିର୍ବାଚନ - ୨୦୨୪ ପାଇଁ ରାଜ୍ୟରେ ୧୬୫ କମ୍ପାନୀ ସିଏପିଏଫ ମୁତୟନ ପାଇଁ ବ୍ୟବସ୍ଥା ହୋଇଛି । ଏହା ମଧ୍ୟରୁ ୮୩ କମ୍ପାନୀ ଇନସିଟୁ ମୁତୟନ ଓ ୮୨ କମ୍ପାନୀ ଡାଇରେକ୍ଟ ଇଣ୍ଡକ୍ସନ ମାଧ୍ୟମରେ ମୁତୟନ ହେବେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୭୫ କମ୍ପାନୀ ସିଏପିଏଫ ଜବାନ ମୁତୟନ ହୋଇଛନ୍ତି ।

ସେମାନେ ବିଭିନ୍ନ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲକ୍ଷ୍ୟରେ ବିଶ୍ୱାସ ସୃଷ୍ଟି ପାଇଁ ଫ୍ଲାଗମାର୍ଚ୍ଚ ଆଦି କରୁଛନ୍ତି । ମତଦାତାମାନେ ଏକ ସୁରକ୍ଷିତ ପରିବେଶ ମଧ୍ୟରେ ଯେଭଳି ଭାବେ ଉତ୍ସାହର ସହିତ ମତଦାନ କରିବେ ତାକୁ ଧ୍ୟାନରେ ରଖି ଏସବୁ କାର୍ଯ୍ୟ କରାଯାଉଛି । ଆସନ୍ତା ମେ ୧ ତାରିଖରେ ଆହୁରି ୪୮ କମ୍ପାନୀ ମୁତୟନ ହେବେ । ସେହିପରି ମେ ୯ ତାରିଖରେ ୪୨ କମ୍ପାନୀ ସିଏପିଏଫ ଜବାନ କାର୍ଯ୍ୟରେ ଯୋଗ ଦେବେ । ଏହା ଫଳରେ ସର୍ବମୋଟ ମୁତୟନ କମ୍ପାନୀ ୧୬୫ରେ ପହଞ୍ଚିବ। ଏହା ମଧ୍ୟରୁ ୨୫ କମ୍ପାନୀ ଷ୍ଟ୍ରଙ୍ଗ ରୁମ୍‌ର ସୁରକ୍ଷା ଦାୟିତ୍ୱରେ ରହିବେ । ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ସାମଗ୍ରିକ ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳା ଓ ତ୍ରୁଟିଶୂନ୍ୟ ଭାବରେ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ମତପୋଷଣ କରିଛନ୍ତି ।

**ହାଇକୋର୍ଟ ଅନୁବାଦକ ନିଯୁକ୍ତି**

# ମୁଖ୍ୟ ଲିଖିତ ପରୀକ୍ଷା ଫଳ ଘୋଷଣା

**କଟକ, ୨୭/୦୪ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟରେ ଅନୁବାଦକ ନିଯୁକ୍ତି ପାଇଁ ପୂର୍ବରୁ ପ୍ରିଲିମିନାରୀ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଥିବା ବେଳେ ଏବେ ମୁଖ୍ୟ ଲିଖିତ ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଛି । ଗତ ୨୦ ତାରିଖରେ ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ୨୭ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏହି ପ୍ରାର୍ଥୀମାନେ କମ୍ପ୍ୟୁଟର ଆପ୍ଲିକେସନ ଟେଷ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମେ' ମାସ ୫ ତାରିଖ (ରବିବାର) ଦିନ ସକାଳ ୮.୩୦ରୁ ୯.୩୦ ପର୍ଯ୍ୟନ୍ତ କଟକ ସ୍ଥିତ ହାଇକୋର୍ଟର ନ୍ୟୁ କନ୍‌ଫରେନ୍ସ ହଲ୍‌ରେ କମ୍ପ୍ୟୁଟରର ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା କରାଯିବ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ପାଇଁ ହେଲା କାରପେଟ୍ ବ୍ୟବସ୍ଥା

**ପୁରୀ, ୨୭/୦୪ ନ୍ୟୁଜ ବ୍ୟୁରୋ**

ପୁରୀରେ ଭକ୍ତଙ୍କ ପାଇଁ କରାଗଲା କାରପେଟର ବ୍ୟବସ୍ଥା । ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ । ଉହ ଉହ ଖରାରେ କଲବଲ ହେଉଥିବା ଭକ୍ତଙ୍କ ପାଇଁ କାରପେଟ୍ ବ୍ୟବସ୍ଥା କରିଛି ପ୍ରଶାସନ । ଉତ୍ତର ଦ୍ୱାର ନିକଟରୁ ଏକ ସରୁ କାରପେଟ୍ ବିଛା ଯାଇଥିବାବେଳେ ସିଂହଦ୍ୱାର ବ୍ୟାରିକେଟ୍ ବାହାର ମଧ୍ୟ ଏକ କାରପେଟ୍ ବିଛା ଯାଇଛି । ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବାବେଳେ ଅଳ୍ପ କିଛି ଭକ୍ତ ଏଥିରେ ଉପକୃତ ହେଉଛନ୍ତି । ମାତ୍ର ପର୍ଯ୍ୟାପ୍ତ ପରିମାଣର କାରପେଟ୍ ବିଛା ଯାଇନଥିବାବେଳେ ପରିକ୍ରମା ପ୍ରକଳ୍ପରେ ମଧ୍ୟ କାରପେଟ୍ ବିଛାନଯିବା ଯୋଗୁଁ ଭକ୍ତମାନେ ପରିକ୍ରମା ପ୍ରକଳ୍ପ



ରାସ୍ତାରେ ଯାଉନାହାନ୍ତି । ଗତ କିଛି ଦିନ ତଳେ ପ୍ରଚଣ୍ଡ ଖରାରେ ଭକ୍ତ କିଭଳି ଅସୁବିଧା ଭୋଗୁଛନ୍ତି, ସେ ନେଇ ଖବର ପ୍ରସାରଣ ହୋଇଥିଲା । ଖରାରେ ଭକ୍ତଙ୍କ ପାଦ ଫୋଟକା ହେଉଥିବାରୁ ଦୌଡିଦୌଡି ଯିବାର ଦୃଶ୍ୟ ଦେଖାଇବା ପରେ ଚେତିଥିଲା ପ୍ରଶାସନ ।

# ଗାଡ଼ି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ସାଧାରଣ ନିର୍ବାଚନର ସୁପରିଚାଳନା ପାଇଁ ନିର୍ବାଚନ କମିଶନଙ୍କ ସମସ୍ତ ନିର୍ଦ୍ଦେଶକୁ ସଫଳତାର ସହ ପାଳନ କରୁଛି ରାଜ୍ୟ ପରିବହନ ବିଭାଗ । ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ହେବାକୁ ଥିବା ଗାଡ଼ି ବ୍ୟବସ୍ଥା ସଂପୂର୍ଣ୍ଣ ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ କରିବା ଉପରେ ପରିବହନ ପ୍ରାଧିକରଣ ଗୁରୁତ୍ୱ ଦେଇଛି । ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣର ସମସ୍ତ ଉଚ୍ଚ ଅଧିକାରୀ ଉପସ୍ଥିତ ଥିବାବେଳେ ଆରଟିଓମାନେ ଭିସି ମାଧ୍ୟମରେ ସାମିଲ ହୋଇଥିଲେ । ନିର୍ବାଚନର ସୁପରିଚାଳନା ପାଇଁ ବର୍ତ୍ତମାନ ସୁଦ୍ଧା କେଉଁ ଅଞ୍ଚଳରୁ କେତେ ଗାଡ଼ି



ଅଧିଗ୍ରହଣ ହୋଇଛି ଆରଟିଓମାନେ ତଥ୍ୟ ରଖିଛନ୍ତି । ବୁଥ୍ ସଂଖ୍ୟା ଅନୁଯାୟୀ ନିଜ ଅଞ୍ଚଳରେ ସମୁଦାୟ କେତେ ଗାଡ଼ିର ଆବଶ୍ୟକତା ରହିଛି ଏହାର ପୁନଃ ଆକଳନ କରିବାକୁ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ୨୦୧୯ ନିର୍ବାଚନରେ ସମଗ୍ର ରାଜ୍ୟ ପାଇଁ ପରିବହନ ବିଭାଗ ୫୮ ହଜାର ଗାଡ଼ି ଅଧିଗ୍ରହଣ କରିଥିଲା । ଚଳିତ ନିର୍ବାଚନରେ କେତେ ଗାଡ଼ି ଆବଶ୍ୟକ ହେବ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ସହ ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରିବହନ କମିଶନର କହିଛନ୍ତି । ଏହାସହ ଆରଟିଓମାନେ ନିଜ ଅଞ୍ଚଳ ପାଇଁ ଗାଡ଼ି ଅଧିଗ୍ରହଣ କରିବା ସହ ଅନ୍ୟ ଅଞ୍ଚଳ ପାଇଁ ଅଧିଗ୍ରହଣ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି । ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଗାଡ଼ି ଦେବା ଓ ନେବା କାର୍ଯ୍ୟ ସଂପାଦନ କରାଯିବ । ଗାଡ଼ି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ମଚାରୀଙ୍କୁ ମିଳିବ ଅଗ୍ରୀମ ପ୍ରାପ୍ୟ। ଗାଡ଼ିରେ ନିୟୋଜିତ କର୍ମଚାରୀଙ୍କୁ ଦୈନିକ ଖର୍ଚ୍ଚ ଅଗ୍ରୀମ ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏ ସଂକ୍ରାନ୍ତରେ ପୂର୍ବରୁ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ବସ ଓ ଚାରିଚକିଆର ଚାଳକ, କଣ୍ଡକ୍ଟର କିମ୍ବା ସହାୟକ କର୍ମଚାରୀ ପ୍ରତ୍ୟେକଙ୍କୁ ଦୈନିକ ୫୦୦ ଟଙ୍କା ଓ ଦୁଇ ଚକିଆର ଚାଳକଙ୍କୁ ଦୈନିକ ୨୫୦ ଟଙ୍କା ଅଗ୍ରୀମ ପ୍ରଦାନ କରିବାକୁ ବ୍ୟବସ୍ଥା ହୋଇଛି।




**ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡ଼ି**

# ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେପି



**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେପି। ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛି ବିଜେପି। ବଲାଙ୍ଗୀର ବିଜେପି ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରୁଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି। ପିଲାମାନଙ୍କୁ ବିଜେପି ପତାକା ଓ ଉତ୍ତରୀୟ ପକାଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଚିକିଟି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ମଧ୍ୟ ସମାନ କାମ କରୁଥିବା ନେଇ ସିଇଓଙ୍କୁ ଜଣାଇଥିଲା ବିଜେଡି ଟିମ୍। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ସିସି କ୍ୟାଡେଟଙ୍କୁ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ତେଣୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ବିଜେଡି।

# ଡାକ୍ତରଖାନା ପରିସରରେ ରହିବନି ଔଷଧ ଦୋକାନ

**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ଡାକ୍ତରଖାନା ପରିସରରୁ ଔଷଧ ଦୋକାନ ହଟିବ । ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ସିଡିଏମଓଙ୍କ ସମେତ ଏମକେସିଜି ମେଡିକାଲ ଓ ଭିମସାର ମେଡିକାଲ କଲେଜର ଡିନ୍ ଓ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫେବୃୟାରୀ ୨୦୧୫ରେ ମେଡିକାଲ୍ କ୍ୟାମ୍ପସ ମଧ୍ୟରେ ଥିବା ଔଷଧ ଦୋକାନୀ ଲାଇସେନ୍ସ ଅବଧି ବୃଦ୍ଧି କରିବାକୁ ଆବେଦନ କରିଥିଲେ । ହାଇକୋର୍ଟ ସମସ୍ତ ଆବେଦନର ଶୁଣାଣୀ କରି ଲାଇସେନ୍ସ ଅବଧି ବୃଦ୍ଧିକୁ ନାକଚ କରିଦେବା ସହ ମେଡିକାଲ କ୍ୟାମ୍ପସରେ ନୂଆ ଔଷଧ ଦୋକାନ ଖୋଲିବା ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ । କିଛି ଔଷଧ ଦୋକାନଙ୍କ ଲାଇସେନ୍ସ ଅବଧି ସରିଯାଇଥିଲେ ମଧ୍ୟ, କୋର୍ଟଙ୍କ ଅନ୍ତରୀଣ ଆଦେଶ ବଳରେ ଔଷଧ ଦୋକାନ ଗୁଡିକ ଚାଲୁରହିଥିଲା । ୧୯.୦୪.୨୪ରେ ହାଇକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରି ମେଡିକାଲ କ୍ୟାମ୍ପସ ଭିତରେ ଥିବା ସମସ୍ତ ଔଷଧ ଦୋକାନକୁ ନୋଟିସ ଜାରି କରିବାର ୧୫ ଦିନ ମଧ୍ୟରେ ଖାଲି କରିବା ସହ ସମସ୍ତ ବକେୟା ପାଉଣା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଛୁଆଙ୍କୁ କାଳ ମୋବାଇଲ୍ ଡିସ୍‌ପ୍ଲେ ଲାଇଟ୍: ୩ ହଜାର ଶିଶୁଙ୍କ ଦୃଷ୍ଟିଶକ୍ତି କମିଲା

**ଅନୁଗୁଳ, ୨୭/୦୪ ନ୍ୟୁଜ ବ୍ୟୁରୋ**

ଅନୁଗୁଳ ଜିଲ୍ଲାରେ ବର୍ଷକ ଭିତରେ ହଜାର ହଜାର ଶିଶୁଙ୍କ ଦୃଷ୍ଟି ଶକ୍ତି ଅଚାନକ ହ୍ରାସ ପାଇଛି। ଯାହା ଅଭିଭାବକମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଡାକ୍ତରଙ୍କୁ ଦେଖାଇବା ପରେ ସେମାନଙ୍କ ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି ଶକ୍ତି ଗଭୀର ଭାବେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ତେବେ ମୋବାଇଲ୍‌କୁ ବେଶୀ ସମୟ ଦେଖିବା ଓ ପରିବେଶ ପ୍ରଦୂଷଣର ପ୍ରଭାବ କୁନି ପିଲାଙ୍କ ଉପରେ ସାଂଘାତିକ ଭାବେ ପଡୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। କେବଳ ଅନୁଗୁଳ ଜିଲ୍ଲାରେ ଯଦି ଏପରି ସ୍ଥିତି ସାରା ରାଜ୍ୟରେ ସ୍ଥିତି କ'ଣ ଥିବ ଏଥିରୁ ସ୍ପଷ୍ଟ ଜଣାପଡୁଛି। ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଗୁଳ ଜିଲ୍ଲାରେ ଗତବର୍ଷ ଜୁନ୍ ମାସରୁ ଡିସେମ୍ବର ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ କ୍ୟାମ୍ପ ମାଧ୍ୟମରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅନୁଗୁଳ, ତାଳଚେର, କଣିହାଁ, ଛେଣ୍ଡିପଦା, କିଶୋରନଗର, ପାଲଲହଡ଼ା ଓ ଆଠମଲ୍ଲିକ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା।



ସେହିପରି ଜିଲ୍ଲାର ପ୍ରାୟ ସମସ୍ତ ହାଇସ୍କୁଲ୍‌ରେ କୁନି ପିଲାଙ୍କ ଆଖି ପରୀକ୍ଷା କରାଯାଇଥିଲା। ଏହି କ୍ରମରେ ପ୍ରାୟ ଦେଢ଼ ଲକ୍ଷ ପିଲାଙ୍କ ଆଖି ପରୀକ୍ଷା ହୋଇଥିଲା। ତେବେ ସେମାନଙ୍କ ମଧ୍ୟରେ ୨୨ଶହ ପିଲାଙ୍କ ଦୃଷ୍ଟିଶକ୍ତି କମିଥିବା ଜଣାପଡ଼ିଛି। ସେହିପରି ବିଭିନ୍ନ ବେସରକାରୀ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଖି ପରୀକ୍ଷା କରାଇବାକୁ ଆସିଥିବା ପ୍ରାୟ ହଜାରେ ପିଲାଙ୍କ ଦୃଷ୍ଟିଶକ୍ତି କମିଥିବା ଜଣାପଡ଼ିଛି। ଶିଳ୍ପ ସମୃଦ୍ଧ ଜିଲ୍ଲାରେ କୁନି ପିଲାଙ୍କ ଦୃଷ୍ଟିଶକ୍ତି କମିଯିବା ଭଳି ଅତି ସାଂଘାତିକ ଚିତ୍ର ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପାଇଁ ମଧ୍ୟ ଏହା ଏକ ବଡ଼ ଆହ୍ୱାନ ପାଲଟିଛି। ଗଲା ୧୦ବର୍ଷ ଭିତରେ ଏଭଳି ସ୍ଥିତି କେବେ ସୃଷ୍ଟି ହୋଇ ନଥିଲା। ଏତେ ସଂଖ୍ୟକ ପିଲାଙ୍କ ଦୃଷ୍ଟିଶକ୍ତି ବର୍ଷକ ଭିତରେ କମିଯିବା ଜିଲ୍ଲାରେ ପ୍ରଥମ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ, ସର୍ବ ଶିକ୍ଷା ଅଭିଯାନ ଓ ଅନ୍ୟାନ୍ୟ ସୂତ୍ରରୁ ସ୍କୁଲ୍ ପିଲାଙ୍କ ଆଖି ପରୀକ୍ଷା ପରେ ଚଷମା ବ୍ୟବହାର ପାଇଁ ଦିଆଯାଇଛି। ଗତ ଡିସେମ୍ବର ସୁଦ୍ଧା ପ୍ରାୟ ୨ହଜାର ଚଷମା ବାଣ୍ଟି ଦିଆଯାଇଛି। ପୁଣି ଜୁନ୍ ମାସ ଭିତରେ ଆଉ ଗୋଟିଏ ଦଫାରେ ହଜାରେ ଚଷମା ଆସି ବାଣ୍ଟିବାକୁ ଯୋଜନା ଥିବା ଜଣାପଡ଼ିଛି। ତେବେ ଦେଢ଼ ଲକ୍ଷ ପିଲାଙ୍କୁ ସ୍କ୍ରିନିଂ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ହଜାର ପିଲାଙ୍କ ଦୃଷ୍ଟିଶକ୍ତି କମିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଜିଲ୍ଲାରେ ମାତ୍ର ୨ ଜଣ ଚକ୍ଷୁ ବିଶେଷଜ୍ଞ ଥିବାରୁ ଉକ୍ତ ସ୍କ୍ରିନିଂ ଠିକ୍ ଭାବେ ହୋଇଛି କି ନାହିଁ ତାହା ବେଶୀ ଗୁରୁତ୍ୱପୂର୍ଣ୍ଣ। ମିଳିଥିବା ସୂଚନା ଅନୁସାରେ, ପାରମ୍ପରିକ ପଦ୍ଧତିରେ ସ୍କୁଲ୍‌ମାନଙ୍କରେ ଉକ୍ତ ଭିଜନ୍ ଟେଷ୍ଟ ହୋଇଥିଲା। ସେଠାରେ ଦୃଷ୍ଟିଶକ୍ତି କମିବା ସନ୍ଦେହ ହେବାରୁ ପ୍ରାୟ ୧୫ହଜାର ପିଲାଙ୍କର ପୁନର୍ବାର ଚକ୍ଷୁ ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୨ଶହ ପିଲାଙ୍କୁ ଚିହ୍ନଟ କରାଯାଇ ଚଷମା ବ୍ୟବହାର କରିବାକୁ ଦିଆଯାଇଥିବା ଜଣାପଡ଼ିଛି। ଏହି ଚକ୍ଷୁ ପରୀକ୍ଷା ଦ୍ୱାରା ଅତି ସାଂଘାତିକ ପ୍ରସଙ୍ଗ ପଦାକୁ ଆସିଛି। ତାହା ହେଉଛି ଯେଉଁ ୧୫ହଜାର ପିଲାଙ୍କୁ ଚୂଡ଼ାନ୍ତ ସ୍କ୍ରିନିଂ କରାଯାଇଥିଲା, ସେମାନଙ୍କୁ ପାଖ ଜିନିଷ ଦିଶୁଥିଲେ ମଧ୍ୟ ଦୂର ଜିନିଷ ଭଲ ଦିଶୁନାହିଁ। ଡାକ୍ତରୀ ଭାଷାରେ ସେମାନଙ୍କର ସମୀପ ଦୃଷ୍ଟି ତ ଠିକ୍ ଅଛି ଦୂର ଦୃଷ୍ଟି ଶକ୍ତି ସେମାନେ ହରାଇ ବସିଛନ୍ତି। ୭ରୁ ୧୬ବର୍ଷ ବୟସର ଅଧିକାଂଶ ପିଲା ଏହି ତାଲିକାରେ ରହିଛନ୍ତି। ଅଧିକ ସମୟ ମୋବାଇଲ୍ ଦେଖିବା, ଟିଭି କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌କୁ ଅଧିକ ସମୟ ଅତି ପାଖରୁ ଦେଖିବା ଏହାର ଏକ ପ୍ରମୁଖ କାରଣ ବୋଲି ବିଶେଷଜ୍ଞ କହିଛନ୍ତି। ସେହିପରି ଅନୁଗୁଳ ଜିଲ୍ଲାରେ ପ୍ରଦୂଷଣ ମାତ୍ରା ବଢୁଥିବାରୁ ଏହାର ପ୍ରଭାବ ଶିଶୁମାନଙ୍କ ଆଖି ଉପରେ ପଡୁଥିବା ସେମାନେ କହିଛନ୍ତି। ଅଭିଭାବକମାନେ ନିଜ ପିଲାମାନଙ୍କୁ ଯଥାସମ୍ଭବ ମୋବାଇଲ, ଟିଭି ଓ କମ୍ପ୍ୟୁଟରଠାରୁ ଦୂରେଇ ରଖିଲେ ଓ ଭିଟାମିନ୍‌ଯୁକ୍ତ ଖାଦ୍ୟ ଅଧିକ ପରିମାଣର ଖାଇବାକୁ ଦେଲେ ଏହା ବହୁ ପରିମାଣରେ ଉପାଦେୟ ହୋଇପାରିବ ବୋଲି ଚକ୍ଷୁ ବିଶେଷଜ୍ଞ କହିଛନ୍ତି।

# ଲାଞ୍ଚ ନେଇ ବର୍ଷେ ଜେଲ୍‌ଗଲେ ପୂର୍ବତନ ସରପଞ୍ଚ

**ଭୁବନେଶ୍ୱର, ୨୭/୦୪ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ମାମଲାରେ ପୂର୍ବତନ ସରପଞ୍ଚଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ଜରିମାନା କରାଯାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଆଦ୍ରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଫୁଲମତି ମାଝୀଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ପୂର୍ବତନ ସରପଞ୍ଚଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି ସ୍ୱତନ୍ତ୍ର କୋର୍ଟ ବିଚାରପତି। ଜରିମାନା ଅନାଦେୟ ଆଉ ଦୁଇମାସ ଜେଲ୍‌ରେ ରହିବାକୁ ପଡ଼ିବ। ଏଥି ସହିତ ଦ୍ୱିତୀୟ ଦଣ୍ଡାଦେଶରେ ଫୁଲମତିଙ୍କୁ ୬ ମାସ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କାର ଜରିମାନା ହୋଇଛି। ଜରିମାନା ଅନାଦେୟ ମାସେ କାଳ ଅଧିକ ଜେଲ୍‌ରେ ରହିବାକୁ ପଡ଼ିବ। ଉଭୟ ଦଣ୍ଡାଦେଶ ଏକ ସଙ୍ଗେ ଚାଲିବ ।